ଆମେରିକାର ୫୧ତମ ରାଜ୍ୟ ଭେନେଜୁଏଲା

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 215 ଭାଗ ୩୪ | ସଂଖ୍ୟା ୨୧୫ | Thursday 29 October 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ସ୍ପେନ୍‌ରେ ବୁଲେଟ୍ ଟ୍ରେନ୍ ଦୁର୍ଘଟଣା, ୬୪ ମୃତ

ମାଡ୍ରିଡ୍, ୨୮।୧୦: ସ୍ପେନ୍‌ର ମାଡ୍ରିଡ୍-ଆଣ୍ଡାଲୁସିଆ ରେଳପଥରେ ଦୁଇଟି ଉଚ୍ଚବେଗସମ୍ପନ୍ନ ବୁଲେଟ୍ ଟ୍ରେନ୍ ମଧ୍ୟରେ ସଂଘର୍ଷ ଘଟିବାରୁ ଅତିକମରେ ୬୪ ଜଣ ପ୍ରାଣ ହରାଇଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରେ ୧୫୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟା ପରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାଞ୍ଚଳିକ ଜରୁରୀକାଳୀନ ସେବା ଅନୁଯାୟୀ, ଗୋଟିଏ ଲାଇନ୍‌ରେ ରହିଥିବା 'ରେନ୍‌ଫେ' ଟ୍ରେନ୍ ଅଟକି ରହିଥିବା 'ଇରିଓ' ଟ୍ରେନ୍‌ର ପଛପଟେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରଦାର୍ ଥିଲା ଯେ ଟ୍ରେନ୍‌ର କେତେକ ବଗି ଲାଇନ୍ ଚ୍ୟୁତ ହୋଇ ତଳକୁ ଗଡ଼ିପଡ଼ିଥିଲା। ତେବେ ଦୁଇଟିଯାକ ଟ୍ରେନ୍ ଏକା ଦିଗକୁ ଯାଉଥିଲେ ନା ବିପରୀତ ଦିଗରୁ ଆସୁଥିଲେ, ସେ ନେଇ ତଦନ୍ତ ଜାରି ରହିଛି।

ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ

■ ଆଉ ଗୋଟିଏ ଦିନ ଜିଲ୍ଲାରେ ରହିବେ ମନ୍ତ୍ରୀ

■ ପରେ ଆସିବ ବାତ୍ୟା କ୍ଷୟକ୍ଷତି ରିପୋର୍ଟ

■ କଣ୍ଟ୍ରୋଲ ରୁମରେ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

■ ବାତ୍ୟା ସମୟରେ ଜନ୍ମହେଲେ ୯୩୧ ଶିଶୁ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା ମୁକାବିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଶୂନ୍ୟ ଜୀବନହାନି ବା ଜିରୋ କାଜୁଆଲିଟି ଲକ୍ଷ୍ୟ ନେଇ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସ୍ତୁତିର ସମୀକ୍ଷା କରିଥିବା ବେଳେ ରାଜସ୍ୱ ମନ୍ତ୍ରୀ ଓ ଅନ୍ୟ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ନିଜ ନିଜ ସ୍ତରରେ ପ୍ରସ୍ତୁତି କରିଥିଲେ। ବାତ୍ୟା ପରିସ୍ଥିତିର ସମୀକ୍ଷା ପରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କଣ୍ଟ୍ରୋଲ ରୁମରେ ବାତ୍ୟା ଅର୍ଣ୍ଣବର ପ୍ରଭାବ ଓ ମୁକାବିଲା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। କୋରାପୁଟ, ଗଜପତି ଓ ମାଲକାନଗିରି ଜିଲ୍ଲାରେ ବାତ୍ୟା ମୁକାବିଲା ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ ଓ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ବାତ୍ୟା ସ୍ଥିତି, କ୍ଷୟକ୍ଷତି ଓ ରିଲିଫ୍ କାର୍ଯ୍ୟ ସମ୍ପର୍କ ଟେଲିଫୋନରେ ପଚାରି ବୁଝିଛନ୍ତି।

ବାତ୍ୟା ମୁକାବିଲା ପାଇଁ ପୂର୍ବ ସରକାର, ଏସ୍‌ଆରସି ଓ ବିଭିନ୍ନ ବିଭାଗର ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ସଚିବମାନେ ସ୍ଥିତି ଉପରେ ନଜର ଅଧିକ ପ୍ରସ୍ତୁତି କରାଯାଇଥିଲା। ଗତ ୨୪ ରଖିଥିଲେ। ଜିଲ୍ଲା ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ତାରିଖରେ ମଧ୍ୟ ବାତ୍ୟା ପରିସ୍ଥିତିର ସତର୍କ ରହି ବାତ୍ୟାର ମୁକାବିଲା କରିଥିଲା। ସମୀକ୍ଷା କରାଯାଇଥିଲା। ରାଜ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ

ଏପର୍ଯ୍ୟନ୍ତ ବାତ୍ୟା ଯୋଗୁଁ କୌଣସି ମଣିଷ ଜୀବନ ହାନିର ଖବର ଆସିନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲାଗୁଡ଼ିକରେ ପବନ ଓ ବର୍ଷା ଜାରି ରହିଛି। ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଜପତି ଜିଲ୍ଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ମୋଟ ୧୭ଟି ଜିଲ୍ଲା ବାତ୍ୟାରେ ପ୍ରଭାବିତ ହୋଇଛି। ୧୭ଟି ବ୍ଲକରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି। ରାୟଗଡ଼ାରେ ମହେନ୍ଦ୍ରଗଡ଼ରେ ୨୨୮ ମିମିର ବର୍ଷା ହୋଇଛି, ଯାହା ସର୍ବାଧିକ। ପୂର୍ବ ବାତ୍ୟା ଭଳି ଏଥର ମଧ୍ୟ ରାଜ୍ୟ ସରକାର ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରିଛନ୍ତି। ରାଜ୍ୟ ପ୍ରଶାସନ ସହ ଜିଲ୍ଲା ସ୍ତରରେ ସବୁ ଅଧିକାରୀମାନେ ମଧ୍ୟ ଆଲର୍ଟ ମୋଡରେ ପୃଷ୍ଠା-୬

ଫେଲ୍ ମାରିଲା ଗ୍ଲୋବାଲ ଫୋରକାଷ୍ଟ



ଦୁଇ ସିଷ୍ଟମ୍‌ର ଟକ୍କର

ବଦଳିଗଲା 'ଅର୍ଣ୍ଣବ'ର ଗତି

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ବଡ଼ ବାତ୍ୟାର ଆଶଙ୍କା, ଅତି ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଥିଲା। ହେଲେ ଓଡ଼ିଶାରେ ଆକଳନ ଅନୁସାରେ ଦେଖିବାକୁ ମିଳିଲାନି 'ଅର୍ଣ୍ଣବ'ର ପ୍ରଭାବ। କେଉଁଠି ଗତି ମନ୍ଥର ହେଲା ତ କେଉଁଠି ଦୁର୍ବଳ ପଡ଼ିଗଲା ପାଣିପାଗ ପ୍ରଣାଳୀ। ଏହାକୁ ନେଇ ପାଣିପାଗ ବିଶେଷଜ୍ଞମାନେ ବାଇନାରୀ ସିଷ୍ଟମର ପ୍ରଭାବ ବୋଲି ଆକଳନ କରୁଛନ୍ତି।

ପ୍ରାରମ୍ଭରେ 'ଅର୍ଣ୍ଣବ'ର ଯେଉଁ ଗତିପଥ ଏବଂ ଯେଉଁ ପୂର୍ବାନୁମାନ କରାଯାଇଥିଲା, ସେତେବେଳେ ତାମିଲନାଡୁ ପାଖରେ ସୃଷ ହୋଇଥିବା ଅନ୍ୟ ଏକ ସିଷ୍ଟମକୁ ସେତେଟା ଗୁରୁତ୍ୱ ଦିଆଯାଇନଥିଲା। ଆଶା କରାଯାଉଥିଲା ଯେ ସେହି ସିଷ୍ଟମଟି ଆରବ ସାଗର ଆଡକୁ ପୃଷ୍ଠା-୬

ବାତ୍ୟା ସରିନି, ଆସୁଛି ଲଘୁଚାପ!

ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଗତକାଲି ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶର ବାପଟଲା ଓ ବିଶାଖାପାଟଣା ମଧ୍ୟବର୍ତ୍ତୀ ୟାନାମ ପାଖରେ ଲ୍ୟାଣ୍ଡଫଲ୍ କରିଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଦ୍ରୁତଗତିରେ ଦୁର୍ବଳ ହେଉଥିବା 'ଅର୍ଣ୍ଣବ' ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଏହା କ୍ରମଶଃ ବାତ୍ୟା, ଗଭୀର ଅବପାତ ଓ ଅବପାତରେ ପରିଣତ ହୋଇଛି। ଏହା ଗଭୀର ଅବପାତ ଅବା ଅବପାତର ରୂପ ନେଇ ଆଜି ମାଲକାନଗିରି ଦେଇ ଛତିଶଗଡ଼ ଯିବାର ସମ୍ଭାବନା ରହିଛି। ଆଉ ଏହା ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ପୃଷ୍ଠା-୬

ଆସନ୍ତା ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ

● ହାଇଆଲର୍ଟରେ ରାଜ୍ୟ ସରକାର

● କିଛି ସ୍ଥାନରେ ଆକସ୍ମିକ ବନ୍ୟା ଆଶଙ୍କା

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ଆନ୍ଧ୍ରରେ ତାଣ୍ଡବ ରଚିଲା ଅର୍ଣ୍ଣବ। ବହିଲା ୧୫୦ କିମି ବେଗରେ ପବନ, ଭାଙ୍ଗିଲା ଘର, ଉପୁଡ଼ିଲା ଗଛ। ଆଖି ଆଗରେ ଯିଏ ଆସିଲା ନିମିଷକେ ହୋଇଗଲା ଛାରଖାର। କାକିନାଡାରେ ବ୍ୟାପକ ଧ୍ୱଂସଲୀଳା ରଚିବା ପରେ ଏବେ ଓଡ଼ିଶା ଦେଇ ଗତି କରୁଛି। ବିଳମ୍ବିତ ସନ୍ଧ୍ୟାରେ

ମାଲକାନାଗିରି ଛୁଇଁଛି। ଏହି ସମୟରେ ହେବ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ତେଣୁ ଆଗାମୀ ୨୪ ଘଣ୍ଟା ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ହାଇଆଲର୍ଟରେ ଅଛନ୍ତି ରାଜ୍ୟ ସରକାର। ବାତ୍ୟାଟି ୨୮ ତାରିଖ ସକାଳେ କାକିନାଡ଼ା- ମଚ୍ଛଲିପଟ୍ଟନମ୍ ଉପକୂଳର ୟାନମ୍ ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ତେବେ ପରସ୍ପର ବିପରୀତ ଦିଗରେ କାର୍ଯ୍ୟ କରୁଥିବା ଷ୍ଟିୟରିଂ କରେଣ୍ଟ ଯୋଗୁଁ ଏହାର ଅଗ୍ରଗତି କିଛି ସମୟ ପାଇଁ ଧୀର ହୋଇଯାଇଥିଲା। କିନ୍ତୁ ପୁନର୍ବାର ଉତ୍ତର ପୃଷ୍ଠା-୬

ଆନ୍ଧ୍ର ଉପକୂଳକୁ ଛାରଖାର କଲା ଅର୍ଣ୍ଣବ

■ ୩ ମୃତ, ୫୭୦୦୦ ସ୍ଥାନାନ୍ତରିତ

■ ୭୦ହଜାର ହେକ୍ଟର ଜମିରେ ଧାନ ଫସଲ ନଷ୍ଟ

■ ବିଶାଖାପାଟନମରେ ବ୍ୟାପକ କ୍ଷୟକ୍ଷତି, ରାସ୍ତା ଅବରୋଧ

■ କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ବିଶାଖାପଟନମ,୨୮।୧୦ (ସଂଚାର ବ୍ୟୁରୋ): ଘୂର୍ଣ୍ଣିବାତ୍ୟା ଅର୍ଣ୍ଣବ ବୁଧବାର ଆନ୍ଧ୍ରପ୍ରଦେଶର ନରସାପୁର ନିକଟରେ ଲ୍ୟାଣ୍ଡଫଲ କରିବା ପରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବ୍ୟାପକ କ୍ଷତି କରିଛି। ଏହି ଘୂର୍ଣ୍ଣିବାତ୍ୟା ଯୋଗୁଁ ଅତି କମରେ ତିନି ଜଣଙ୍କ ମୃତ୍ୟୁ ଘଟିଛି ଏବଂ ହଜାର ହଜାର ଲୋକ ବାସହୀନ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ ଅର୍ଣ୍ଣବ ପ୍ରାୟ ରାତି ୨ ଟାରୁ ସକାଳ ୮ଟା ୩୦ ମଧ୍ୟରେ ନରସାପୁରରୁ ପ୍ରାୟ ୨୦ କିଲୋମିଟର ପୂର୍ବ-ଉତ୍ତର-ପୂର୍ବ ଦିଗରେ ଆନ୍ଧ୍ରପ୍ରଦେଶ ଓ ୟାନାମ ଉପକୂଳରେ ସ୍ଥଳଭାଗ ଛୁଇଁଥିଲା।

ସେତେବେଳେ ଏହା ଏକ ଅତି ପ୍ରବଳ ବାତ୍ୟା ରୂପରେ ରହିଥିଲା, ଯେଉଁଥିରେ ପବନର ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିଲୋମିଟର ଏବଂ ଝଟକା ପବନ ୧୫୦ କିଲୋମିଟର ପର୍ଯ୍ୟନ୍ତ ରହିଥିଲା। ପରେ ଏହା ଦୁର୍ବଳ ହୋଇ ପ୍ରବଳ ଘୂର୍ଣ୍ଣିବାତ୍ୟାରେ ପରିଣତ ହୋଇଛି। ପଶ୍ଚିମ ଗୋଦାବରୀ ଜିଲ୍ଲାର ଭୀମବରମରେ ଗଛ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବିଶାଖାପଟନମ ଓ ଅନକାପଲ୍ଲି ଜିଲ୍ଲାରେ ଦୁଇ ଜଣ ବିଦ୍ୟୁତ ବିଦ୍ୟୁତ କରେଣ୍ଟରେ ମୃତ୍ୟୁବରଣ କରିଛନ୍ତି। ଏନଡିଆରଏଫ ସୂଚନା ଅନୁଯାୟୀ ପ୍ରାୟ ୫୭, ୦୦୦ ଲୋକଙ୍କୁ ରିଲିଫ ପୃଷ୍ଠା-୬

■ ଘୁଞ୍ଚିଲା କୋଟିଆରେ ନିର୍ବାଚନ

ନଭେମ୍ବର ୫ରେ ଭୋଟ୍, ୭ରେ ଗଣତି

ହସ୍ତକ୍ଷେପ କଲା ରାଷ୍ଟ୍ରପତିଙ୍କ ସଚିବାଳୟ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ସୀମା ବିବାଦ ଜାରି ରହିଥିବା ବେଳେ ପୁଣି ଚର୍ଚ୍ଚାରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ। ଆସନ୍ତା ନଭେମ୍ବର ୩ ତାରିଖରେ ନିର୍ବାଚନ କରିବା ନେଇ ପୂର୍ବରୁ ସୂଚନା ଦେଇଥିଲା ଆନ୍ଧ୍ରପ୍ରଦେଶ। ତେବେ ବର୍ତ୍ତମାନ ନିର୍ବାଚନ ତାରିଖରେ ପରିବର୍ତ୍ତନ କରି ନଭେମ୍ବର ୫ ତାରିଖରେ ଭୋଟ ଗ୍ରହଣ ଏବଂ ନଭେମ୍ବର ୭ ତାରିଖରେ ଭୋଟ ଗଣନା କରିବାକୁ ନୂଆ ସୂଚୀ ଜାରି କରିଥିବା ଜଣାପଡ଼ିଛି। କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ସୀମା ବିବାଦ ଏବେ ପୁଣି ରାଜନୈତିକ ରୂପ ନେଇଛି। ବିଶେଷକରି କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ ସମ୍ପର୍କିତ ପଦକ୍ଷେପକୁ ନେଇ ଓଡ଼ିଶାରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି। ବିଗତ ଦିନରେ ବିଜେଡି ଓ ବିଜେପି ପକ୍ଷରୁ କୋଟିଆ ଅଞ୍ଚଳ ଗସ୍ତ କରାଯାଇ ସ୍ଥିତି ପରଖାଯାଇଥିବା ବେଳେ ଆଜି କଂଗ୍ରେସ ପକ୍ଷରୁ ମଧ୍ୟ କୋଟିଆ ଗସ୍ତ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କୋଟିଆରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛି।

ବାଲଟ୍ ପେପରରେ ଖାତା ଖୋଲି ପାରିଲାନି କଂଗ୍ରେସ

୨୮ ଏମ୍‌ଏଲ୍‌ସି ଆସନରେ ପରାଜୟ | ଟିଚ୍ଚିକାରୀ ମାରିଲେ ମୋଦି

ନୂଆଦିଲ୍ଲୀ, ୨୮।୧୦: ଇଭିଏମ୍ ସିଷ୍ଟମ୍‌କୁ ନେଇ କ୍ରମାଗତ ପ୍ରଶ୍ନ ଉଠାଉଥିବା କଂଗ୍ରେସ ଦଳ ପାଇଁ ସଦ୍ୟ ଘୋଷିତ ଚାରି ରାଜ୍ୟର ୨୮ ବିଧାନ ପରିଷଦ (ଏମଏଲସି) ନିର୍ବାଚନ ଫଳାଫଳ ନୈରାଶ୍ୟଜନକ ସାବ୍ୟସ୍ତ ହୋଇଛି। ଇଭିଏମ୍ ନୁହେଁ, ସମ୍ପୂର୍ଣ୍ଣ ପାରଦର୍ଶିକ 'ବାଲଟ୍ ପେପର' ଜରିଆରେ ହୋଇଥିବା ନିର୍ବାଚନରେ ମଧ୍ୟ ବିରୋଧୀ କଂଗ୍ରେସର ଶୋଚନୀୟ ବିପର୍ଯ୍ୟୟ ଘଟିଛି। ଦେଶର ଚାରିଟି ପ୍ରମୁଖ ରାଜ୍ୟ, ଯଥା- ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକର ୨୮ଟି ବିଧାନ ପରିଷଦ ଆସନ ପାଇଁ ଅନୁଷ୍ଠିତ ଦ୍ୱିବାର୍ଷିକ ନିର୍ବାଚନରେ କଂଗ୍ରେସ ଶୋଚନୀୟ ଭାବେ ପରାଜୟର ମୁଖ ଦେଖିଛି। ୨୮ଟି ଆସନ ମଧ୍ୟରୁ ଦଳ କୌଣସି ବି ଆସନରେ ଖାତା ମଧ୍ୟ ଖୋଲିପାରି ନାହିଁ।

ବିଶେଷ କରି କଂଗ୍ରେସ ଶାସିତ କର୍ଣ୍ଣାଟକରେ ଦଳକୁ ସବୁଠାରୁ ବଡ଼ ନିନ୍ଦାଜନକ ସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ରାଜ୍ୟରେ କ୍ଷମତାରେ ଥାଇ ମଧ୍ୟ ସମସ୍ତ ଏମଏଲସି ଆସନରେ କଂଗ୍ରେସ ପରାଜିତ ହୋଇଥିବା ବେଳେ ବିଜେପି-ଜେଡିଏସ୍ ମେଣ୍ଟ ବାଜିମାତ୍ କରିଛି। ବେଙ୍ଗାଲୁରୁ ଶିକ୍ଷକ ନିର୍ବାଚନମଣ୍ଡଳୀରେ ଜେଡିଏସ୍ ପ୍ରାର୍ଥୀ ଏପି ରଙ୍ଗନାଥ କଂଗ୍ରେସର ବର୍ତ୍ତମାନର ସଦସ୍ୟ ପୁଟ୍ଟନ୍ନାଙ୍କୁ ୯୦୮ ଭୋଟ୍‌ରେ ଧରାଶାୟୀ କରିଛନ୍ତି। ଏହାବ୍ୟତୀତ ବିଜେପି ଉତ୍ତର-ପୂର୍ବ ଶିକ୍ଷକ, ପଶ୍ଚିମ ସ୍ନାତକ ଓ ଦକ୍ଷିଣ-ପୂର୍ବ ସ୍ନାତକ ଆସନକୁ ନିଜ କବ୍‌ଜାକୁ ନେଇଛି। ଏହି ପରାଜୟ କଂଗ୍ରେସ ପୃଷ୍ଠା-୬

■ କେନ୍ଦ୍ର ସରକାରଙ୍କ ଦୀପାବଳି ଭେଟି

ମହଙ୍ଗା ଭତ୍ତା ବୃଦ୍ଧିକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୨୮।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା (ଡିଆର)ର ଏକ ଅତିରିକ୍ତ କିସ୍ତିକୁ ମଞ୍ଜୁର କରାଯାଇଛି। ଦରଦାମ ବୃଦ୍ଧିର ଭରଣା କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନର ମୂଳ ଦରମା/ପେନସନର ୬୦% ହାର ଉପରେ ଅତିରିକ୍ତ ୩% ବୃଦ୍ଧି ହୋଇଛି। ବର୍ଦ୍ଧିତ ଡିଏ ଏବଂ ଡିଆର ଜୁଲାଇ ପହିଲା ୨୦୨୬ ଠାରୁ ଲାଗୁ ହେବ। ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତାରେ ଏହି ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୧୦, ୦୧୬.୧୦ କୋଟି ଟଙ୍କାର ବୋଝ ପଡ଼ିବ। ଏହାଦ୍ୱାରା ୪୮.୫୪ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୭୧ ଲକ୍ଷ ପେନସନଭୋଗୀ ଉପକୃତ ହେବେ।

■ ସରକାରୀ ପଲିଟେକ୍‌ନିକ୍‌ରେ ବିଶୃଙ୍ଖଳିତ ଆଚରଣ

ତିନି ଅଧ୍ୟାପକ, ଅଧ୍ୟାପିକା ନିଲମ୍ବିତ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ କାର୍ଯ୍ୟରତ ତିନି ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି। ଏମାନେ ହେଲେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା। ଅଭିଯୋଗ ଅନୁଯାୟୀ ଅକ୍ଟୋବର ୨୬ ତାରିଖରେ ଏକ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଏହି ଅଧ୍ୟାପକମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ। ଅଧ୍ୟାପନା ଭଳି ପୃଷ୍ଠା-୬

ଫେରିଲା ୬୯.୨୩ କୋଟି ଆଡମିଶନ ଫି'

ଉପକୃତ ହେଲେ ୧, ୧୧, ୬୭୮ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମାଗଣା ଶିକ୍ଷା ଯୋଜନା ଲାଗୁ ହେବା ପରେ ସ୍ନାତକ ଶ୍ରେଣୀରେ ନାମଲେଖା ପାଇଁ ଦେୟ ଦେଇଥିବା ଛାତ୍ରଛାତ୍ରୀଙ୍କୁ ଫେରସ୍ତ ମିଳିଛି ଆଡମିଶନ ଫି'। ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ପର୍ଯ୍ୟାୟ ସ୍ନାତକ ନାମଲେଖା ସମୟରେ ଫି' ଜମା କରିଥିବା ମୋଟ ୧, ୧୧, ୬୭୮ ଜଣ ଛାତ୍ରଛାତ୍ରୀଙ୍କୁ ମୋଟ ୬୯.୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି।

ରାଜ୍ୟ ସରକାରଙ୍କ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଅଧୀନରେ ଯୋଗ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବା ପରେ ଏହି ଯୋଜନା ଘୋଷଣା ହୋଇଥିବାରୁ ପୂର୍ବରୁ ଫି' ଦେଇଥିବା ଛାତ୍ରଛାତ୍ରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୃଷ୍ଠା-୬

କାନ ଡେରିଥା

ଓଡ଼ିଶା ଭାଗ୍ୟକୁ ଏହି କାର୍ତ୍ତିକରେ
ଆସିଲା ବାତ୍ୟା ଅର୍ଣ୍ଣବ
କାହାର କୁଡ଼ିଆ ଯାଇଛି ଉଜ

ଅବ୍ୟବସ୍ଥାରେ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ

ଛାତ ଉପରେ ଗଡୁଛି ମଦ ବୋତଲ

ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ମହାକାଳପଡ଼ା,୨୮।୧୦ (ସଂଚାର ବ୍ୟୁରୋ): ଅବ୍ୟବସ୍ଥା ଘେରରେ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ। ସରକାରୀ କାର୍ଯ୍ୟାଳୟର ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ଉଠିଛି ପ୍ରଶ୍ନ। କାର୍ଯ୍ୟାଳୟର ଛାତ ଉପରେ ବିଭିନ୍ନ କମ୍ପାନୀର ମଦ ବୋତଲ ଗଡୁଥିବା ବେଳେ ପାନୀୟ ଜଳ ସ୍ଥାନ ଓ ପାଇଖାନାର ଅପରିଷ୍କାର ପରିବେଶ ଏବଂ ଅଗ୍ନି ନିରାପତ୍ତା ଯନ୍ତ୍ରର ଅବଧି ଶେଷ ହେବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସଂଚାର ଡିଜିଟାଲ ଟିମ୍ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ବେଳେ ଏଭଳି ଅବ୍ୟବସ୍ଥା ସାମ୍ନାକୁ ଆସିଥିଲା। କାର୍ଯ୍ୟାଳୟର ଛାତ ଉପରେ ବିଭିନ୍ନ କମ୍ପାନୀର ମଦ ବୋତଲ ପଡ଼ିଥିବା କ୍ୟାମେରାରେ କଏଦ ହୋଇଥିଲା। ଏଥିସହ ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ସ୍ଥାନ ଓ ସରଞ୍ଜାମ ଅପରିଷ୍କାର ରହିଥିବା ବେଳେ ପାଇଖାନାର ସ୍ୱଚ୍ଛତା ମଧ୍ୟ ଠିକ୍ ନଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ, ଅଗ୍ନି ନିରାପତ୍ତା ପାଇଁ ରଖାଯାଇଥିବା ଯନ୍ତ୍ରର ଅବଧି ଚାରି ବର୍ଷ ପୂର୍ବରୁ ଶେଷ ହୋଇଥିବା ଜଣାପଡ଼ିଛି।

ତେବେ ସରକାରୀ କାର୍ଯ୍ୟାଳୟର ଛାତ ଉପରକୁ ମଦ ବୋତଲ ଆସିଲା କେଉଁଠୁ? ଏହା ପଛରେ କାହାର ଦାୟିତ୍ୱହୀନତା ରହିଛି? ଏଭଳି ପ୍ରଶ୍ନ ଏବେ ସାଧାରଣରେ ଉଠିଛି। ପୂର୍ବରୁ ମଧ୍ୟ ତହସିଲ କାର୍ଯ୍ୟାଳୟ ପରିସରରେ ଦୁଇ ଜଣ କର୍ମଚାରୀ ମଦ ବୋତଲ ଧରିଥିବା ଫଟୋ 'ସଂଚାର'ରେ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ।

ଏତେ ସବୁ ଘଟଣା ପରେ ମଧ୍ୟ କାର୍ଯ୍ୟାଳୟର ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆସିନଥିବା ଅଭିଯୋଗ ହେଉଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାଳୟର ପରିଚ୍ଛନ୍ନତା, ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।

ବାତ୍ୟା ଅର୍ଣ୍ଣବ ଘଟାଇଲା ଅଘଟଣ

ନଡ଼ିଆ ଗଛ ପଡ଼ି ମହିଳାଙ୍କ ଅଣ୍ଟା ଭାଙ୍ଗିଲା

ରାଜନଗର,୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା ଅର୍ଣ୍ଣବ ଘଟାଇଲା ଅଘଟଣ। ଏପରି ଏକ ଲୋମ ଟାଙ୍କୁରା ଅଭାବନୀୟ ଦୁଃଖଦ ଦୁର୍ଘଟଣା ଦେଖିବାକୁ ମିଳିଛି ଇଶ୍ୱରପୁରୁ ପଞ୍ଚାୟତ ରାବଣେଶ୍ୱର ଗ୍ରାମରେ। ଏହି ଗ୍ରାମର ବସନ୍ତ କୁମାର ଜେନାଙ୍କ ସ୍ତ୍ରୀ ମିନତୀ ଜେନା ଆଜି ଦିନ ପ୍ରାୟ ୯ଟା ସମୟରେ ପରିବାରଙ୍କ ପାଇଁ ରୋଷେଇ ଘରେ ରୋଷେଇ କରୁଥିଲା। ଏହି ସମୟରେ ଅର୍ଣ୍ଣବ ପ୍ରଭାବରେ ଅଳ୍ପ ଅଳ୍ପ ବର୍ଷା ହେବା ସହ ପବନ ମଧ୍ୟ ଅଳ୍ପ ହେଉଥିଲା। ହଠାତ ଘରଠୁ କିଛି ଦୂରରେ ଥିବା ନଡିଆ ଗଛ ଭାଙ୍ଗି ରୋଷେଇ ଘର ଉପରେ ପଡି ଘରକୁ ଚାପି ଦେଇଥିଲା। ସେହି ସମୟରେ ରୋଷେଇ କରୁଥିବା ମିନତି ବାହାରକୁ ଆସି ପାରିନଥିଲା, ଯେହେତୁ ଘରଛାତ ମିନତିକୁ ଚାପି ଦେଇଥିଲା।

ପାଖରେ ଥିବା ଲୋକମାନେ ଓ ପରିବାର ଲୋକ ବହୁ କଷ୍ଟରେ ମିନତିକୁ ବହାରକୁ ଆଣି ଆମ୍ବୁଲାନ୍ସ ଯୋଗେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଅଣ୍ଟା ଭାଙ୍ଗିବା ସହ ଗୋଡ ମଧ୍ୟ ଆଘାତ ହୋଇ ଗୁରୁତର ଅବସ୍ଥା ଥିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ ସେଠାରେ ଚିକିତ୍ସାଧିନ ଅଛନ୍ତି। ହେଲେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ଗରିବ ସ୍ୱାମୀ ବସନ୍ତ ସ୍ତ୍ରୀର ଚିକିତ୍ସା ନେଇ ଭାଙ୍ଗିପଡିଛି। ଏପରି ଖବର ପାଇ ଇଶ୍ୱରପୁରୁ ସରପଞ୍ଚ, ମିନତୀର ଚିକିତ୍ସା ନିମନ୍ତେ ତାଙ୍କ ବସନ୍ତକୁ ପାଞ୍ଚ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ସରକାରଙ୍କ ଠାରେ ଦାବି କରିଛନ୍ତି।

ହାଇକୋର୍ଟରେ ଚାମେଲୀ ଓଝାଙ୍କୁ ଆଶ୍ୱସ୍ତି

ଅନାସ୍ଥା ପ୍ରସ୍ତାବ ଅସିଦ୍ଧ ଘୋଷିତ

କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ): ଦୀର୍ଘ ଆଇନଗତ ଲଢ଼େଇ ପରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। ଅଦାଲତଙ୍କ ଏହି ରାୟ ପରେ ଚାମେଲୀଙ୍କ ସପକ୍ଷରେ ଆଇନଗତ ନିଷ୍ପତ୍ତି ଆସିଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏହି ରାୟକୁ ସ୍ୱାଗତ କରି ଚାମେଲୀ କହିଛନ୍ତି, "ଧର୍ମର ଜୟ ହୋଇଛି।"

ସୂଚନା ଅନୁଯାୟୀ, ଗତ ଜୁଲାଇ ୨୭ ତାରିଖରେ ତିଖିରି ପଞ୍ଚାୟତର ୨୨ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୨୧ ଜଣ ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହାର ବିଚାର ପାଇଁ ଅଗଷ୍ଟ ୧୩ ତାରିଖରେ ଭୋଟ୍ ଗ୍ରହଣ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ ଆବଶ୍ୟକ ନୋଟିସ ଓ ଅଧିବେଶନ ସମ୍ପର୍କିତ ସୂଚନା ଦିଆଯାଇନଥିବା ଅଭିଯୋଗ କରି ଚାମେଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ପଞ୍ଚାୟତ ଆଇନର ଧାରା ୨୪(୨)(ସି) ଅନୁଯାୟୀ ଆବଶ୍ୟକ ନିୟମ ପାଳନ କରାଯାଇନଥିବା ଦର୍ଶାଇ ସେ ଅନାସ୍ଥା ନୋଟିସ ସମେତ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିବାକୁ ଆବେଦନ କରିଥିଲେ। ମାମଲାର ପ୍ରାରମ୍ଭିକ ଶୁଣାଣି ସମୟରେ ହାଇକୋର୍ଟ ଅନାସ୍ଥା ଭୋଟ୍ ଗ୍ରହଣକୁ ଅନୁମତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଫଳାଫଳ ଘୋଷଣା ନ କରିବାକୁ ଆଦେଶ ଦେଇଥିଲେ।

ବୁଧବାର ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଚାମେଲୀ ଓଝାଙ୍କ ଆବେଦନକୁ ଗ୍ରହଣ କରିବା ସହ ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଅସିଦ୍ଧ ଘୋଷଣା କରିଛନ୍ତି। ଫଳରେ ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ବିବାଦରେ ଚାମେଲୀଙ୍କୁ ଆଇନଗତ ଆଶ୍ୱସ୍ତି ମିଳିଛି।

ଅନ୍ୟପକ୍ଷରେ, ରାଜନୈତିକ ଆକ୍ରୋଶରେ ତାଙ୍କୁ ହଇରାଣ କରାଯାଉଥିବା ଚାମେଲୀ ଅଭିଯୋଗ କରିଥିଲେ। ଏହି ପରିସ୍ଥିତିରେ ସେ ଆଇନର ଆଶ୍ରୟ ନେଇ ନିଜ ପକ୍ଷ ରଖିଥିଲେ। ହାଇକୋର୍ଟଙ୍କ ରାୟ ପରେ ସେ ନ୍ୟାୟ ପାଇଥିବା ପ୍ରକାଶ କରିବା ସହ ତାଙ୍କୁ ସମର୍ଥନ ଓ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

୪୧ ବର୍ଷରେ ପଦାର୍ପଣ କଲା ଭରତପୁର ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ୪୧ ବର୍ଷରେ ପଦାର୍ପଣ କରିଛି। ୧୯୮୫ ମସିହାରେ ଦିଲୀପ କୁମାର ଦାସ, ବିଭୂତିଭୂଷଣ ମହାନ୍ତି, ଚିରଞ୍ଜନ ଦାସ, ଦେବେନ୍ଦ୍ର ମହାନ୍ତି, ଦୀନବନ୍ଧୁ ସାହୁ, ସୁବୋଧ ଦାସ, ବିରଜା ପ୍ରସାଦ ମହାନ୍ତି, ଆକୁଳାନନ୍ଦ ବେହେରା ଓ ଶ୍ରୀଚରଣ ବେହେରାଙ୍କ ସମେତ କିଛି ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ଏହି ପୂଜା ଆରମ୍ଭ ହୋଇଥିଲା। ଦୀର୍ଘ ୪୧ ବର୍ଷ ଧରି ଏଠାରେ ମା'ଙ୍କ ପୂଜା ଧାର୍ମିକ ନିଷ୍ଠା, ପରମ୍ପରା ଓ ରୀତିନୀତି ଅନୁଯାୟୀ ପାଳିତ ହୋଇଆସୁଛି।

ଭରତପୁର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଗ୍ରାମବାସୀଙ୍କ ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ଏକ ନିଆରା ପରିଚୟ ପାଲଟିଛି। ମା'ଙ୍କ ପୂଜାରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟମାନେ ଉତ୍ସାହର ସହ ସାମିଲ ହୋଇଥାନ୍ତି। ଆକର୍ଷଣୀୟ ମଣ୍ଡପ ଓ ମା'ଙ୍କ ମନୋରମ ପ୍ରତିମା ଭକ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ ପୂଜା ଆରମ୍ଭରୁ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଉତ୍ସବର ଆକର୍ଷଣ ବୃଦ୍ଧି କରୁଛି।

ମା'ଙ୍କ ଦର୍ଶନ ଓ ପୂଜାରେ ସାମିଲ ହେବା ପାଇଁ ଭରତପୁର ସମେତ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଭକ୍ତିମୟ ପରିବେଶ ମଧ୍ୟରେ ଶୃଙ୍ଖଳିତ ଭାବେ ମା'ଙ୍କ ପୂଜା ଓ ଭସାଣି ଉତ୍ସବ ସମାପନ ହୋଇଥିଲା।

ଲଗାଣ ବର୍ଷାରେ ଫିକା ପଡ଼ିଲା ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା,୨୮।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଉପରେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ପଡ଼ିଛି। ଚଳିତ ବର୍ଷ ପୂଜାର ଶତବାର୍ଷିକୀ ପାଳନ ହେଉଥିବାରୁ ସହରର ବିଭିନ୍ନ ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜାଯାଇଥିବା ବେଳେ ଲଗାଣ ବର୍ଷା ସମସ୍ତ ଉତ୍ସାହରେ ପାଣି ପକାଇଛି।

ଗତ ୨୫ ତାରିଖରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ୨୬ ଓ ୨୭ ତାରିଖରେ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ହେଲେ ୨୭ ତାରିଖ ରାତିରୁ ଆରମ୍ଭ ହୋଇଥିବା ବର୍ଷା ୨୮ ତାରିଖ ରାତି ପର୍ଯ୍ୟନ୍ତ ଲାଗି ରହିବାରୁ ପୂଜାର ରଙ୍ଗ ଫିକା ପଡ଼ିଯାଇଛି। ବର୍ଷା ଯୋଗୁଁ ପୂଜା ମଣ୍ଡପ ସମେତ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ, ପୂଜା ମଣ୍ଡପଗୁଡ଼ିକରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆକର୍ଷଣୀୟ ତୋରଣ ଓ ଆଲୋକସଜ୍ଜା ସହରର ଶୋଭା ବଢ଼ାଉଥିଲେ ମଧ୍ୟ ବର୍ଷା ଯୋଗୁଁ ଶ୍ରଦ୍ଧାଳୁଙ୍କ ସମାଗମ ହ୍ରାସ ପାଇଛି। ଫଳରେ ପୂଜା ମଣ୍ଡପଗୁଡ଼ିକ ଏକପ୍ରକାର ଫିକା ପଡ଼ିଯାଇଛି।

ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀ ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ସହ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ଏହି ସମସ୍ତ ଆୟୋଜନ ଆଶାନୁରୂପ ସଫଳ ହୋଇପାରିନାହିଁ। ବିଶେଷକରି ପୂଜାର ମୁଖ୍ୟ ଆକର୍ଷଣ ଥିବା ତୋରଣ ଓ ଆଲୋକସଜ୍ଜା ଦେଖିବାରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି।

ସତ୍ୟସାଇ ଫିଲିଂ ଷ୍ଟେସନରେ
ଗ୍ୟାସ ଟାଙ୍କି ଫାଟି ଜଣେ ମୃତ

ନୀଳଗିରି, ୨୮।୧୦ (ସଂଚାର ବ୍ୟୁରୋ): ନୀଳଗିରି ଏନଏସିଅଧିନସ୍ଥ ୭ନମ୍ବର ୱାର୍ଡ ବାଲିଗୋହିରୀ ସ୍ଥିତ ସତ୍ୟସାଇ ଫିଲିଙ୍ଗ ଷ୍ଟେସନରେ ଥିବା ପୁରୁଣା ତେଲ ଟାଙ୍କିକୁ ପେଟ୍ରୋଲ ପମ୍ପ ଭିତରେ କଲିକତା ଅଞ୍ଚଳ ୩ ଗ୍ୟାସ କର୍ମଚାରୀ ଗ୍ୟାସ କଟରେ ସାହାଯ୍ୟରେ ସକାଳ ୯.୫ମିନିଟ ସମୟରେ କାଟୁଥିବା ବେଳେ ହଠାତ ଗ୍ୟାସ ଟାଙ୍କି ଫାଟି ବଡ଼ ଜୋରରେ ବିସ୍ଫୋରଣ ହେବାରୁ ସମଗ୍ରହ ନୀଳଗିରି ସହର ଥରି ଉଠିଥିଲା। ଉକ୍ତ ବିସ୍ଫୋରଣରେ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଥିବା ରେମୁଣା ବ୍ଲକ ଅଧିନସ୍ଥ ବିମୁରିଆ ଗ୍ରାମର ସ୍ୱର୍ଗତ ଗଣନାଥ ସିଂହଙ୍କ ପୁତ୍ର ହୁଆ ଓରଫ ବୀରେନ୍ଦ୍ର ସିଂହ(୬୨) ଟାଙ୍କିର ଢ଼ାଙ୍କୁଣୀ ବାଡେଇ ଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ତତ ସହିତ ପାଖରେ ଥିବା ଗାଡି ସୋ ରୁମ ଓ ହର ମୋହନ ମହାପାତ୍ର ଙ୍କ ଘର ର କବାଟ, ଝରକା, କାଚ, ଆସବା ପତ୍ର ନଷ୍ଟ ହୋଇଯାଇଛି।

ଖବର ପାଇ ଘଟଣା ସ୍ଥଳରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ପହଁଚି ଟାଙ୍କି ମାଲିକ ଦୀପ୍ତି କାନ୍ତ ମହାପାତ୍ର, ମ୍ୟାନେଜର କମଳାଲୋଚନ ନାୟକ, ଗ୍ୟାସ କଟର କର୍ମଚାରୀ ୨ଜଣଙ୍କୁ ଉଠାଇ ନେଇଥିବା ବେଳେ ପେଟ୍ରୋଲ ପମ୍ପରେ ଉତେଜନା ଲାଗି ରହିଥିବା ବେଳେ ଉତ୍ତୋକ୍ତ ଲୋକେ କ୍ଷତି ପୂରଣ ଓ ନ୍ୟାୟଦାବିରେ ଟାଙ୍କିର ଅଫିସକୁ ଭଙ୍ଗା ରୁଜା କରିଥିଲେ। ଘଟଣା ସ୍ଥଳରେ ପରିବାର ଓ ସମ୍ପର୍କୀୟଲୋକେ ପହଁଚି କ୍ଷତି ପୂରଣ ଦାବୀ ରେ ନୀଳଗିରି-ସେରଗଡ଼ ୧୯ନମ୍ବର ରାଜ୍ୟ ରାଜପଥ ଟାଙ୍କି ସମ୍ମୁଖରାସ୍ତା ଉପରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।

ପରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀ ପକ୍ଷରୁ୧୦ଲକ୍ଷ ଓ ଟାଙ୍କି ମାଲିକ ଦିପ୍ତୀ କାନ୍ତ ମହାପାତ୍ର ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟା ହୃତ ହୋଇଥିଲା। ଏ ନେଇ ମୃତ ସାନ ଭାଇ ଯୋଗେନ୍ଦ୍ର ନାଥ ସିଂହ ଙ୍କ ଅଭିଯୋଗ ମୂଳେ ନୀଳଗିରି ଥାନା ପକ୍ଷରୁ ୪୮୮/୨୬ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆସି ଗୋବର୍ଦ୍ଧନ ନାୟକ କହିଛନ୍ତି।

ଦୁଇ ଦିନିଆ ଫୁଟ୍‌ବଲ ଖେଳ ଉଦ୍‌ଯାପିତ

ନୀଳଗିରି ,୨୮।୧୦ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ର ଆରବନ୍ଧ ପଞ୍ଚାୟତ ର ମହାବାଳିଆ ଖେଳ ପଡିଆ ରେ ମା" ମହାବଳିଆ କ୍ଲବ ଆନୁକୂଲ୍ୟ ରେ ଦୁଇଦିନିଆ ଫୁଟ ବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟ ରେ ୧୬ ଟି ଟିମ ଯଥା କ୍ରିଷ୍ଣା ଫାଇଟର ଯଦୁଖୁଣ୍ଟା, ମା"ଥାନେଶ୍ୱରୀ, ଧୂବଶୀଳା, କେନ୍ଦୁଆ ଏଫ, ସି, ଶ୍ରୀରାମ ଏଫ, ସି, ଜୟବଡାମ ଏଫ, ସି, ଜୁଆଳିଆ, ରୁସ୍ତା ଏଫ ସି, ସୋରେନ ସିପାହୀ ଏଫ, ସି, ମାର୍କୋଣା, ଚାଲୋସାହି ଏଫ ସି, ତାମିଲ ଏଫ ସି ଭଞ୍ଜଗାଁ, ପାୱାର କ୍ଲବ ବାଲେଶ୍ୱର, ତାଲବେତାଳ ଏଫ ସି ପଶ୍ଚିମ ବଙ୍ଗ, ପହାଲ ପଶୁଦା ଏଫ ସି ମୟୁର ଭଞ୍ଜ, ଜୟବଡାମ ଏଫ ସି କିରକିଟିଆ, ରାପାଜ ଏବଂ ରାପାଜ ଏଫସି, ସିଙ୍ଗ ଫାଇଆର, ମା"ଶତପଥୀ ଯୁଥ କ୍ଲବ ପରଚିପୁରଙ୍କ ମଧ୍ୟରେ ହୋଇଥିଲା। ଶେଷରେ ଶ୍ରୀରାମ ଏଫସି ଓ ତାମିଲ ଏଫ ସି ମଧ୍ୟରେ ଫାଇନାଲ ଖେଳ ଅମୀମାଂଶୀତ ଭାବେ ଶେଷ ହେବା ପରେ ପ୍ଲେଲାଣ୍ଟି ସଟ ମାଧ୍ୟମରେ ତାମିଲ ଏଫ ସି , ଭଞ୍ଜଗାଁ-୨ଗୋଲ ଦେଇ ଚମ୍ପିୟାନ ହୋଇଥିବାବେଳେ ଶ୍ରୀରାମ ଏଫ ସି ରନର୍ସ ହୋଇଛି ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସମ୍ମାନିତ ଅତିଥି ବାଲେଶ୍ୱର ଜିଲ୍ଲା ବିଜେଡି ମହିଳା ସଭାପତି ତଥା ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ମୁଖ୍ୟ ବକ୍ତା ଜିଲ୍ଲା ବିଜେଡି ସଭାପତି ଗଙ୍ଗାଧର ମିଶ୍ର, ଅନ୍ୟତମ ବକ୍ତା ପୂର୍ବତନ ଏସ ଡି ସି ଅଧକ୍ଷ ମଦନ ମାଝୀ, ସରପଞ୍ଚ କୁଳମଣି ନାୟକ, ସମିତି ସଭ୍ୟା ବିନତା ମଡେଇ, ମହାବଳିଆ ପ୍ରାଥମିକ ବିଦ୍ୟାଳୟ ର ସିକ୍ଷୟିତ୍ରୀ ମାଳତୀ ମଣୀ ଧଳ ମଞ୍ଚରେ ଉପସ୍ଥିତ ଥିଲେ।

ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର

ପଟ୍ଟାମୁଣ୍ଡାଇ,୨୮।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଂଚଳର ଗଣ ପର୍ବ ଶାରଦୀୟ ଦୁର୍ଗା ପୂଜା ଉତ୍ସବ ପରେ ଗତ କେତେ ବର୍ଷ ହେବ ମା ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି । ଏହି ପୂଜା ଉତ୍ସବ ଆରମ୍ଭରେ ହାତଗଣତି କେତୋଟି ମେଢ଼କୁ ନେଇ ଆରମ୍ଭ କରାଯାଇଥିଲା । ମାତ୍ର ଏବେ ଏହା ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଅଂଚଳରେ ଗଜଲକ୍ଷ୍ମୀ ପୂଜା ଉତ୍ସବର ଭିନ୍ନ ମାହୋଲ ଦେଖିବାକୁ ମିଳିଛି । ମୋଟାମୋଟି ଭାବେ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବ ମୁଖର ହୋଇପଡିଛି । ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳୁଛି । ପଟ୍ଟାମୁଣ୍ଡାଇ ଅଂଚଳବାସୀ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା 'ଙ୍କ ଆରାଧନାରେ ନିଜକୁ ସାମିଲ କରିଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ବଜାରରେ ୪ଟି ଗଜଲକ୍ଷ୍ମୀ ମୂର୍ତ୍ତି ସ୍ଥାନ ପାଇଥିବାବେଳେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ରୋଡ଼

ରାୟଗଡ଼ାରେ ସ୍ଥିତି ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ

ରାୟଗଡ଼ା, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗସ୍ତ ସମୟରେ ସେ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳଗୁଡ଼ିକ ବୁଲି ଦେଖିବା ସହ ସ୍ଥାନୀୟ ପ୍ରଭାବିତ ଲୋକମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ସୁବିଧା-ଅସୁବିଧା ବାବଦରେ ପଚାରି ବୁଝିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ଦ୍ୱାରା ପ୍ରଭାବିତ ପ୍ରତ୍ୟେକ ପରିବାର ପାଖରେ ସରକାରୀ ସହାୟତା ଯେପରି ତୁରନ୍ତ ପହଞ୍ଚିବ, ସେଥିପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷତିଗ୍ରସ୍ତ ଘର, ଫସଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ତୁରନ୍ତ ଆକଳନ କରି ପ୍ରଭାବିତଙ୍କୁ ରିଲିଫ୍ ଓ ସହାୟତା ଯୋଗାଇ ଦେବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏସଓପି

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ସହରାଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଛି ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ। ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି।

ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସ୍ଓପି) ଉପରେ ଆଲୋଚନା ପାଇଁ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଞ୍ଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ସହର ଯୋଜନା ଓ ଭିତ୍ତିଭୂମି ବିକାଶ ସମୟରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ସେ ଜୋର୍ ଦେଇଥିଲେ।

ପ୍ରସ୍ତାବିତ ଏସ୍ଓପିର ମୁଖ୍ୟ ନୀତି ହେଉଛି "ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି କ୍ଷତି ନହେବା। ଏହାର ଉଦ୍ଦେଶ୍ୟ ହେଉଛି, ବିକାଶମୂଳକ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ପଥର ସଂଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ନହେବା କିମ୍ବା ଅତିରିକ୍ତ ବର୍ଷାଜଳ ଧାରଣ କରୁଥିବା ଅଞ୍ଚଳଗୁଡ଼ିକର ସଂରକ୍ଷଣ କ୍ଷମତା ହ୍ରାସ ନପାଇବା ସୁନିଶ୍ଚିତ କରିବା। ଏହି ଢାଞ୍ଚା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ନେଟୱର୍କ ଓ ଜଳାଶୟଗୁଡ଼ିକର ସର୍ଭେ, ଭୌଗୋଳିକ ଅବସ୍ଥିତି ନିର୍ଦ୍ଧାରଣ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ଆଧାରିତ ମାନଚିତ୍ର ପ୍ରସ୍ତୁତି କରାଯିବ। ଏହି ତଥ୍ୟଗୁଡ଼ିକୁ ସହରାଞ୍ଚଳ ବିକାଶ ଯୋଜନା, ଜମି ବ୍ୟବହାର ଯୋଜନା ଏବଂ ସମନ୍ୱିତ ବର୍ଷାଜଳ ନିଷ୍କାସନ ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ। ଏହାଦ୍ୱାରା ଯୋଜନା ପ୍ରସ୍ତୁତି, ନିର୍ମାଣ ଅନୁମତି ପ୍ରକ୍ରିୟା ଓ ବନ୍ୟା ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ।

ଚାଷୀଙ୍କୁ ମିଳିବ କ୍ଷତିପୂରଣ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଏବଂ ପ୍ରଭାବିତ ଚାଷୀଙ୍କ କ୍ଷତିପୂରଣ ସମ୍ପର୍କରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଫସଲ ଓ ବିଭିନ୍ନ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ନିୟମ ଅନୁସାରେ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବାତ୍ୟାର ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ଗଛ ଉପୁଡ଼ିବା ସହ ରାସ୍ତା ଓ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ତେବେ ଅଧିକାଂଶ ସ୍ଥାନରେ ରାସ୍ତା ସଫା କରାଯିବା ସହ ବିଦ୍ୟୁତ ସଂଯୋଗ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟରେ ଏଯାଏଁ କୌଣସି ଜୀବନହାନି ହୋଇନଥିବା ସୂଚନା ଦେଇଛନ୍ତି ମନ୍ତ୍ରୀ। ଆଜି ବାତ୍ୟାର ପ୍ରଭାବ ଓଡ଼ିଶାରେ ଅଧିକ ରହିବା ସହ ମାଲକାନଗିରିରେ ପହଞ୍ଚିବା ସମ୍ଭାବନା ରହିଛି। ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରି ମନ୍ତ୍ରୀ କହିଛନ୍ତି, ଏଯାଏଁ ରାଜ୍ୟର କୌଣସି ସ୍ଥାନରେ ଜୀବନହାନି ହୋଇନାହିଁ। ତେଣୁ ଲୋକେ ବିଚଳିତ ନହୋଇ ସତର୍କ ରୁହନ୍ତୁ। ଫସଲ ଓ ଘର କ୍ଷୟକ୍ଷତି ହେଲେ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଚାଷୀମାନେ ଚିନ୍ତିତ ନହେବାକୁ ମଧ୍ୟ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ବାତ୍ୟା ପ୍ରଭାବରେ ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ରାସ୍ତା ଉପରେ ଗଛ ପଡ଼ି ଯାତାୟାତ ପ୍ରଭାବିତ ହୋଇଥିଲା। ତେବେ ୮୫ ପ୍ରତିଶତରୁ ଅଧିକ ସ୍ଥାନରେ ରାସ୍ତା ସଫା କାର୍ଯ୍ୟ ଶେଷ ହୋଇଥିବା ସୂଚନା ମିଳିଛି। ବାତ୍ୟା ପାଇଁ ପ୍ରାୟ ୫୦ଟି ଟ୍ରେନ୍ ବାତିଲ ହୋଇଥିବା ବେଳେ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ୩୩ କେଭି ବିଦ୍ୟୁତ ଲାଇନ୍ କ୍ଷତିଗ୍ରସ୍ତ ହୋଇଛି। ତେବେ ଶକ୍ତି ବିଭାଗର କ୍ଷତିଗ୍ରସ୍ତ ଅଞ୍ଚଳ ମଧ୍ୟରୁ ୬୫ ପ୍ରତିଶତ ସ୍ଥାନରେ ବିଦ୍ୟୁତ ସଂଯୋଗ ପୁନରୁଦ୍ଧାର ହୋଇସାରିଥିବା କହିଛନ୍ତି ମନ୍ତ୍ରୀ।

ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ପରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟାକୁ ନେଇ ସଜାଗ ପ୍ରଶାସନ। ପ୍ରବଳ ବର୍ଷା ଆଶଙ୍କା ମଧ୍ୟରେ ନଦୀକୂଳିଆ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କୁ ସୁରକ୍ଷିତ ଭାବେ ରଖିବା ସହ ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ତତ୍ପରତା ଦେଖେଇଛି ପ୍ରଶାସନ। ଏହାରି ଭିତରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବାଣିଜରା ପଞ୍ଚାୟତର କୋଟେନ ଗାଁରେ ଥିବା ବନ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ସ୍ଥିତି ପରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ବାତ୍ୟା ପ୍ରଭାବରେ ଓଡ଼ିଶାର ଦକ୍ଷିଣବର୍ତ୍ତୀ ଜିଲ୍ଲା ଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ଅଛି କଳାହାଣ୍ଡି ଜିଲ୍ଲା ପ୍ରଶାସନ। ନଦୀକୂଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ଦିଆଯାଇଛି ପ୍ରାଥମିକତା। ବିପଦ ଆଶଙ୍କା ଥିବା ଅଞ୍ଚଳର ଅନେକ ପରିବାରଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀରେ ରଖାଯାଇଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବାଣିଜରା ପଞ୍ଚାୟତର କୋଟେନ ଗାଁରେ ଥିବା ବନ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ଲୋକଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ କିଭଳି ବ୍ୟବସ୍ଥା କରାଯାଇଛି, ସେନେଇ ଅନୁଧ୍ୟାନ କରିଛନ୍ତି ମନ୍ତ୍ରୀ। ଲୋକଙ୍କ ରହଣିଠାରୁ ଆରମ୍ଭ କରି ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯାଏଁ ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିପଦ ସମୟରେ ଯେପରି କୌଣସି ଲୋକ ଅସୁବିଧାରେ ନପଡ଼ନ୍ତି, ସେଥିପ୍ରତି ସତର୍କ ରହିଛି ପ୍ରଶାସନ। ବାତ୍ୟା ଓ ପ୍ରବଳ ବର୍ଷାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଲୋକଙ୍କୁ ସୁରକ୍ଷିତ ରଖିବା ସହ ଆବଶ୍ୟକ ସହାୟତା ଯୋଗାଇଦେବା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି।

ଶ୍ୱାସରୁଦ୍ଧ ହୋଇ ଦୁଇ ମୃତ, ୩ ଗୁରୁତର

ବାଂଶପାଳି,୨୮।୧୦ (ସଂଚାର ବ୍ୟୁରୋ) : ଶ୍ୱାସରୁଦ୍ଧ ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ସୁଡ଼ଙ୍ଗ ଗାଁରେ । ଗୁରୁତରଙ୍କୁ ପ୍ରଥମେ କେନ୍ଦୁଝର ଜିଲ୍ଲା ବାଂଶପାଳ ଡ଼ାକ୍ତରଖାନା ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଗାଁରେ ଲକ୍ଷ୍ମୀପୂଜା ଚାଲିଥିଲା। ଲାଇନ୍ ଚାଲିଯିବା ପରେ ଗତକାଲି ରାତିରେ ୫ଜଣ ପିଲା ଗୋଟିଏ ଘରେ ଜେନେରେଟର୍ ଲଗାଇ କବାଟ, ଝରକା ବନ୍ଦ କରି ଶୋଇ ପଡିଥିଲେ। ଆଜି ସକାଳୁ ୫ଜଣଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଲୋକେ ବାଂଶପାଳ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ମୃତ ଘୋଷଣା କରିଥିଲେ ଡ଼ାକ୍ତର ।

■ ଦୁଇ ବର୍ଷ ଧରି ଅଙ୍ଗନବାଡ଼ି ସହାୟିକା ଅନୁପସ୍ଥିତ

୭ ଦିନ ମଧ୍ୟରେ ହାଜର ହେବାକୁ ଚୁଡ଼ାନ୍ତ ନୋଟିସ୍

ଆଠଗଡ଼, ୨୮।୧୦ (ସଂଚାର ବ୍ୟୁରୋ): ନରସିଂହପୁର ବ୍ଲକ ଅନ୍ତର୍ଗତ ଡିମିରିଆ-୨ ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ଗୀତାଞ୍ଜଳି ମହାଳିକ ଦୀର୍ଘ ଦୁଇ ବର୍ଷ ଧରି ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ତାଙ୍କ ଅନୁପସ୍ଥିତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ଦୁଇଥର ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍ ପଠାଯାଇଥିଲେ ମଧ୍ୟ ତାହା ଫେରି ଆସିଥିଲା। ଏଥିସହ ଗ୍ରାମରେ ବିଜ୍ଞପ୍ତି ଲଗାଯାଇ ତାଙ୍କ ସମ୍ପର୍କରେ ଖୋଜଖବର ନିଆଯାଇଥିଲେ ମଧ୍ୟ କୌଣସି ସୂଚନା ମିଳିନଥିଲା। ଏହି ପରିପ୍ରେକ୍ଷୀରେ, ୨୦୨୫ ଡିସେମ୍ବର ୬ ତାରିଖରେ ଡିମିରିଆ ଗ୍ରାମର ସରପଞ୍ଚ, ୱାର୍ଡ ସଦସ୍ୟ, ଗ୍ରାମବାସୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ତାଙ୍କ ସ୍ଥାନରେ ନୂତନ ସହାୟିକା ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମତୀ ମହାଳିକଙ୍କୁ ଚୂଡ଼ାନ୍ତ ନୋଟିସ୍ ଜାରି କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ନରସିଂହପୁର ସିଡିପିଓ କାର୍ଯ୍ୟାଳୟରେ ହାଜର ହୋଇ ନିଜ ପକ୍ଷ ରଖିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସେ ହାଜର ନହେଲେ, ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇ ଖାଲି ପଦବୀ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ।



ଭୁଶୁଡ଼ିଲା ଗଜଲକ୍ଷ୍ମୀ ପୂଜା ତୋରଣ, ଭାଙ୍ଗିଲା ମା'ଙ୍କ ମୂର୍ତ୍ତି

ଭୁବନେଶ୍ୱର/କଳାହାଣ୍ଡି, ୨୮।୧୦ (ସଂଚାର ବ୍ୟୁରୋ): ଆଜି ସଂଧ୍ୟାରେ ମାଲକାନଗିରି ଅତିକ୍ରମ କରିବ ବାତ୍ୟା 'ଅର୍ଣ୍ଣବ'। ତେବେ ମାଲକାନଗିରି ଅତିକ୍ରମ କରିବା ବେଳେ ଏହା ଦୁର୍ବଳ ହୋଇ ଅବପାତ ସ୍ଥିତିରେ ରହିବ। 'ଅର୍ଣ୍ଣବ' ପ୍ରଭାବରେ ଏବେବି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି। ଗଞ୍ଜାମ, ଗଜପତି ଜିଲ୍ଲାର ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ଏହାକୁ ସଫା କରାଯାଉଛି। ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଓ ପବନ ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। କନ୍ଧମାଳ, ବଲାଙ୍ଗିର, ନୂଆପଡ଼ା, ସୋନପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି, ନୟାଗଡ଼, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ସର୍ବାଧିକ ୧୫୦ କିଲୋମିଟର ଥିଲା।

ତେବେ ରାଜଧାନୀ ଭୁବନେଶ୍ୱରରେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ଭାଙ୍ଗିଲା ଗଜଲକ୍ଷ୍ମୀ ପୂଜା ମଣ୍ଡପର ତୋରଣ ଓ ଲାଇଟ୍ ଗେଟ୍। ଏପରିକି ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ମଧ୍ୟ ଭାଙ୍ଗିଯାଇଛି। ଭୁବନେଶ୍ୱରର କ୍ଲବ୍ ଟାଉନ୍ ପଡ଼ିଆରେ ଏହି ଘଟଣା ଘଟିଛି। ଉତ୍ତର ଭୁବନେଶ୍ୱର ଯୁବ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସେହିଭଳି, କଳାହାଣ୍ଡି ଜୁନାଗଡ଼ରେ ଭାଙ୍ଗି ପଡ଼ିଲା ଗଜଲକ୍ଷ୍ମୀ ପୂଜା ତୋରଣ। ରାସ୍ତା ଉପରେ ତୋରଣ ପଡ଼ିଯିବାରୁ ତଳେ ଚାପି ହୋଇଛି ଅଟୋ, କାର୍ ଓ ବୋଲେରୋ। ଜାତୀୟ ରାଜପଥ ୨୬ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅଞ୍ଚଳରେ ଏବେ ବି ବର୍ଷା ଓ ପବନ ଜାରି ରହିଛି।

କୋଟିଆରେ ଜଣେ ଭୋଟର, ଦୁଇ ରାଜ୍ୟରେ ନାଁ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): କୋଟିଆକୁ ନେଇ ପୁଣି ତେଜିଲା ରାଜନୀତି। କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଲା ବିଜେଡି। ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କୋଟିଆ ଲଢ଼େଇକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ।

ସେ କହିଛନ୍ତି ଯେ, କୋଟିଆ ସମସ୍ୟାର ସମାଧାନ ପାଇଁ ସରକାର କେଉଁ ପଦକ୍ଷେପ ନେଉଛନ୍ତି, ତାହା ସ୍ପଷ୍ଟ ନୁହେଁ। ଏଥିସହ ଆନ୍ଧ୍ରପ୍ରଦେଶ ଓ କେନ୍ଦ୍ର ସରକାରଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ମଧ୍ୟ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। କୋଟିଆ ପ୍ରସଙ୍ଗରେ ସରକାର କ'ଣ କରୁଛନ୍ତି, ତାହା ସ୍ପଷ୍ଟ ହେଉନାହିଁ। ନିକଟରେ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ କମିଟି ବୈଠକରେ ପଞ୍ଚାୟତ ନିର୍ବାଚନ ବନ୍ଦ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା କି ନାହିଁ, ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ଜବାବ ମାଗିଲେ ବିଜେଡି ଉପନେତା

କୋଟିଆ ସମସ୍ୟାର ସମାଧାନ ପାଇଁ କେବଳ ନ୍ୟାୟାଳୟର ଦ୍ୱାରସ୍ଥ ହେବା କଥା କହିଲେ ହେବନାହିଁ, ବରଂ ରାଜନୈତିକ ସ୍ତରରେ ମଧ୍ୟ ଆଲୋଚନା ହେବା ଆବଶ୍ୟକ। ଆନ୍ଧ୍ରପ୍ରଦେଶ ସରକାର ଓ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ସିଧାସଳଖ ଆଲୋଚନା କରିଛନ୍ତି କି ନାହିଁ, ତାହା ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଭାବେ ନିଜର ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କର ଆତ୍ମବିଶ୍ୱାସ ଅଛି କି ବୋଲି ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି କୋଟିଆରେ ଭୋଟର ତାଲିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି ବିଜେଡି। ଯଦି ଏସ୍ଆଇଆର୍ ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯାଇଛି, ତେବେ ଜଣେ ଭୋଟରଙ୍କ ନାଁ ଦୁଇଟି ରାଜ୍ୟର ଭୋଟର ତାଲିକାରେ କିପରି ରହିଛି, ତାହାର ଜବାବ କିଏ ଦେବ ବୋଲି ପ୍ରଶ୍ନ କରିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। କୋଟିଆ ପ୍ରସଙ୍ଗରେ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିଜେଡି ପ୍ରତିବାଦ ଜାରି ରଖିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ସେ କହିଛନ୍ତି।

ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ନେଲେ ଗୋଲକ

ପୂଜା କମିଟି ସଦସ୍ୟଙ୍କ ନିଷ୍ଠା ଓ ସମର୍ପଣକୁ କଲେ ପ୍ରଶଂସା

**ଭୁବନେଶ୍ୱର, ୨୮।୧

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଗୁରୁବାର ୨୯ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Thursday 29 October 2026, Bhubaneswar

ବିଶ୍ୱଯୁଦ୍ଧର ଭବିଷ୍ୟବାଣୀ

ବର୍ତ୍ତମାନ ବିଶ୍ୱରେ ଏକ ଚର୍ଚ୍ଚା ଚାଲିଛି ଯେ ୨୦୨୭ ମସିହାରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇପାରେ। କିଛି ବିଶ୍ଳେଷକ, ସାମରିକ ବିଶେଷଜ୍ଞ ଏବଂ ଭବିଷ୍ୟବକ୍ତାମାନେ ଏହି ବର୍ଷକୁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଭାବରେ ଦେଖୁଛନ୍ତି। ଚୀନର ସାମରିକ ଆଧୁନିକୀକରଣର ଲକ୍ଷ୍ୟ, ତାଇୱାନ ଉପରେ ଚାପ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ୟୁକ୍ରେନ ଯୁଦ୍ଧର ପ୍ରଭାବ ଏହି ଆଶଙ୍କାକୁ ବଢ଼ାଇଛି। କିନ୍ତୁ ଏହି ଭବିଷ୍ୟବାଣୀ କେତେ ଦୂର ସଠିକ୍? ଏବଂ ଯଦି ପ୍ରକୃତରେ ଏକ ବିଶ୍ୱଯୁଦ୍ଧ ଘଟେ, ତେବେ ମାନବଜାତି ଉପରେ କ'ଣ ପ୍ରଭାବ ପଡ଼ିବ?

ପ୍ରଥମେ ଏହି ଭବିଷ୍ୟବାଣୀର ଆଧାର ଦେଖିବା ଦରକାର। ୨୦୨୧ ମସିହାରେ ଆମେରିକୀୟ ନୌସେନା ଅଧିକାରୀ ଫିଲିପ୍ ଡେଭିଡସନ କହିଥିଲେ ଯେ ଚୀନ ୨୦୨୭ ସୁଦ୍ଧା ତାଇୱାନ ଉପରେ ସାମରିକ କାର୍ଯ୍ୟ କରିବାର କ୍ଷମତା ହାସଲ କରିପାରେ। ଏହା "ଡେଭିଡସନ ୱିଣ୍ଡୋ" ଭାବରେ ଜଣାଶୁଣା। କିନ୍ତୁ ଏହା ଆକ୍ରମଣର ନିଶ୍ଚିତ ତାରିଖ ନୁହେଁ, ବରଂ ସାମରିକ ପ୍ରସ୍ତୁତିର ଲକ୍ଷ୍ୟ। ଏହା ବ୍ୟତୀତ କିଛି ବିଶ୍ଳେଷକ ମଧ୍ୟପ୍ରାଚ୍ୟରେ ଇରାନ ସହିତ ସଂଘର୍ଷ, ରୁଷ-ନାଟୋ ଉତ୍ତେଜନା ଏବଂ ବିଶ୍ୱ ଅର୍ଥନୀତିର ଅସ୍ଥିରତାକୁ ନେଇ ୨୦୨୭କୁ ଏକ ବିପଦପୂର୍ଣ୍ଣ ବର୍ଷ ଭାବରେ ଦେଖୁଛନ୍ତି। କିଛି ଭବିଷ୍ୟବକ୍ତା ମଧ୍ୟ ଏହି ବର୍ଷକୁ ନେଇ ଭୟଙ୍କର ଚିତ୍ର ଆଙ୍କିଛନ୍ତି। ତଥାପି ବୈଜ୍ଞାନିକ ଏବଂ କୂଟନୈତିକ ଦୃଷ୍ଟିକୋଣରୁ ଏହି ଭବିଷ୍ୟବାଣୀଗୁଡ଼ିକ ନିଶ୍ଚିତ ନୁହେଁ। ଅନେକ ଏଆଇ ବିଶ୍ଳେଷଣ ଏବଂ ବିଶେଷଜ୍ଞ ମତାମତ ଅନୁସାରେ ୨୦୨୬-୨୦୨୭ ମଧ୍ୟରେ ବଡ଼ ଶକ୍ତିମାନଙ୍କ ମଧ୍ୟରେ ସିଧାସଳଖ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନା କମ୍। ବରଂ ୨୦୨୮ରୁ ୨୦୩୫ ମଧ୍ୟରେ ଉତ୍ତେଜନା ବଢ଼ିପାରେ। ଇତିହାସରେ ଅନେକ ଥର ଏପରି ଭବିଷ୍ୟବାଣୀ ବିଫଳ ହୋଇଛି। ପରମାଣୁ ଅସ୍ତ୍ରର ଭୟ, ଆର୍ଥିକ ପରସ୍ପର ନିର୍ଭରଶୀଳତା ଏବଂ କୂଟନୀତି ଏପରି ବିଶ୍ୱବ୍ୟାପୀ ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନେଇଥାଏ।

ତେଣୁ ୨୦୨୭ରେ ତୃତୀୟ ବିଶ୍ୱଯୁଦ୍ଧ ହେବ ବୋଲି କହିବା ଅତି ସରଳୀକୃତ ଏବଂ ଅତ୍ୟଧିକ ଭୟପ୍ରଦ ମତ। ବର୍ତ୍ତମାନର ଆଞ୍ଚଳିକ ଯୁଦ୍ଧ ଏବଂ ଉତ୍ତେଜନା ନିଶ୍ଚିତ ଭାବରେ ଚିନ୍ତାର ବିଷୟ, କିନ୍ତୁ ଏଗୁଡ଼ିକ ସ୍ୱୟଂଚାଳିତ ଭାବରେ ବିଶ୍ୱଯୁଦ୍ଧରେ ପରିଣତ ହୁଏ ନାହିଁ। ମହାଶକ୍ତିମାନଙ୍କ ମଧ୍ୟରେ ସିଧାସଳଖ ସଂଘର୍ଷ ଏବଂ ଏକାଧିକ ମହାଦ୍ୱୀପରେ ଯୁଦ୍ଧ ହେଲେ ହିଁ ତାକୁ ବିଶ୍ୱଯୁଦ୍ଧ କୁହାଯାଏ। ଏପରି ପରିସ୍ଥିତି ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଯଦି କୌଣସି କାରଣରୁ ଏପରି ଏକ ବିଶ୍ୱଯୁଦ୍ଧ ଘଟେ, ତେବେ ଏହାର ପରିଣାମ ଭୟଙ୍କର ହେବ। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ କୋଟି କୋଟି ଲୋକ ମୃତ୍ୟୁବରଣ କରିଥିଲେ। ଆଜିର ଯୁଗରେ ପରମାଣୁ ଅସ୍ତ୍ର ଥିବାରୁ ଧ୍ୱଂସ ଆହୁରି ଭୟଙ୍କର ହୋଇପାରେ। ଲକ୍ଷ ଲକ୍ଷ ଲୋକ ନିହତ ହେବେ, ସହରଗୁଡ଼ିକ ଧ୍ୱଂସ ହେବ, ପରିବେଶ ଦୂଷିତ ହେବ ଏବଂ ଜଳବାୟୁ ପରିବର୍ତ୍ତନ ଆହୁରି ଖରାପ ହେବ। ବିଶ୍ୱ ଅର୍ଥନୀତି ଭୁସାମ୍ୟ ହୋଇଯିବ। ତେଲ, ଖାଦ୍ୟ ଏବଂ ଔଷଧର ଅଭାବ ଦେଖାଦେବ। ଭାରତ ଭଳି ଦେଶ, ଯାହା ବିଶ୍ୱ ବାଣିଜ୍ୟ ଏବଂ ଶକ୍ତି ଉପରେ ନିର୍ଭର କରେ, ସେଠାରେ ମଧ୍ୟ ମୂଲ୍ୟବୃଦ୍ଧି, ବେକାରୀ ଏବଂ ସାମାଜିକ ଅଶାନ୍ତି ଦେଖାଦେବ। ଶରଣାର୍ଥୀ ସଙ୍କଟ ବଢ଼ିବ ଏବଂ ଆନ୍ତର୍ଜାତୀୟ ଶାନ୍ତି ବ୍ୟବସ୍ଥା ଭାଙ୍ଗିଯିବ।

ଏହି ପରିପ୍ରେକ୍ଷୀରେ ଆମେ ଭୟରେ ନ ରହି ବିବେକୀ ହେବା ଉଚିତ। ଶାନ୍ତି, କୂଟନୀତି ଏବଂ ପରସ୍ପର ସହଯୋଗ ହିଁ ଏକମାତ୍ର ପଥ। ଭାରତ ଭଳି ଦେଶଗୁଡ଼ିକ ନିରପେକ୍ଷତା ଏବଂ ବିକାଶ ଉପରେ ଧ୍ୟାନ ଦେବା ଉଚିତ। ଯୁବପିଢ଼ିଙ୍କୁ ଯୁଦ୍ଧ ନୁହେଁ, ଶାନ୍ତି ଓ ବିଜ୍ଞାନର ଶିକ୍ଷା ଦେବା ଦରକାର। ୨୦୨୭ ଏକ ଭୟଙ୍କର ବର୍ଷ ହେବ ବୋଲି ଧରି ନେବା ଅପେକ୍ଷା ଆମେ ଏକ ଉନ୍ନତ, ଶାନ୍ତିପୂର୍ଣ୍ଣ ବିଶ୍ୱ ଗଢ଼ିବା ପାଇଁ ପ୍ରୟାସ କରିବା ଉଚିତ। ଭବିଷ୍ୟତ ଆମ ହାତରେ।

ଜୈବ ବିବିଧତା ଓ ହେନ୍ତାଳ ବଣ

ଡ଼ଃ.ଅରୁନ୍ଧତୀ ଦେବୀ

ସମଗ୍ର ବିଶ୍ୱରେ ଝଡ଼, ବାତ୍ୟା ଓ ବନ୍ୟାସ୍ଥିତିରୁ ସୁରକ୍ଷା ଦେଉଥିଁବା ହେନ୍ତାଳ ବଣ ଗୁଡ଼ିକ ଯୋଗୁଁ ବାର୍ଷିକ ପ୍ରାୟ ସାଢ଼େ ୮୫ ହଜାର କୋଟି ଡଲାର ବଞ୍ଚାଯାଉଛି ବୋଲି ବିଶ୍ୱ ବ୍ୟାଙ୍କର ଦି ଚେଞ୍ଜିଂ ୱେଲଥ ଅଫ ନେସନସର ୨୦୨୬ ସଂସ୍କରଣରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଇଛି। ଓଡ଼ିଶାରେ 'ବାତ୍ୟା ଅର୍ଣ୍ଣବ' ଘନୀଭୂତ ହେବା ଓ ଏହାକୁ ନେଇ ଅନେକ ଆଶଙ୍କା ଓ ସମ୍ଭାବନା ସୃଷ୍ଟି ହେବା ସନ୍ଦର୍ଭରେ ହେନ୍ତାଳ ବଣ ଯେ ଆମ ମାନଙ୍କ ପାଇଁ ତଥା ପରିବେଶ ପାଇଁ କେତେ ମହତ୍ୱପୂର୍ଣ୍ଣ ଏହା ହିଁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ସୂଚନାଥାଉକି ସମୁଦ୍ର ଉପକୂଳରେ ବସବାସ କରୁଥିବା ଲୋକମାନଙ୍କୁ ବନ୍ୟା, ଝଡ଼ତୋଫାନ ଓ ମୃତ୍ତିକା କ୍ଷୟରୁ ସୁରକ୍ଷା ଯୋଉଥିବା ହେନ୍ତାଳବଣର ଭୂମିକାକୁ ତର୍ଜମା କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ବନ୍ୟା ଓ ସାମୁଦ୍ରିକ ଜୁଆରର ଉପଦ୍ରବରୁ ମୁକୁଳିବା ପାଇଁ ବିଭିନ୍ନ ରାଷ୍ଟ୍ର ସାଧାରଣତଃ ପାରମ୍ପରିକ ଭାବେ ସମୁଦ୍ର ପ୍ରାଚୀର ଓ ଆଡ଼ି ବନ୍ଧ ପରି ଭିତ୍ତିଭୂମି ନିର୍ମାଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ତେବେ ହେନ୍ତାଳବଣ ପରି ପ୍ରାକୃତିକ ପର୍ଯ୍ୟାବରଣ ପ୍ରଣାଳୀ ତାହା ସମତୁଲ ବା ତା ଠାରୁ ଅଧିକ ସୁରକ୍ଷା ଯୋଗାଇବା ସହ ତାହାର ଅନ୍ୟାନ୍ୟ ପରିବେଶଗତ ଉପାଦେୟତା ରହିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ୧୨୧ଟି ଦେଶର ପ୍ରାୟ ୭ ଲକ୍ଷ କି.ମି ବ୍ୟାପୀ ସମୁଦ୍ର ଉପକୂଳସ୍ଥ ହନ୍ତାଳବଣର ଭୂମିକାକୁ ଅନୁଧ୍ୟାନ କରି ଏପରି ନିର୍ଯାସ ମିଳିଛି। ଭିତରକନିକା ସନ୍ନିକଟ ହେନ୍ତାଳ ବଣ ଆମ ଓଡ଼ିଶାର ଏକ ଜୈବ ପ୍ରାକୃତିକ ଅମୂଲ୍ୟ ସମ୍ପଦ। ସମୁଦ୍ର ଉପକୂଳ ମାନଙ୍କରେ ଜନବସତି ବଢ଼ି ଚାଲିଥିବା ବେଳେ ସେମାନଙ୍କର ବନ୍ୟାବିପତ୍ତି ହ୍ରାସ ଦିଗରେ ହେନ୍ତାଳ ବଣର ଭୂମିକା ଅନନ୍ୟ ବୋଲି କୁହାଯାଇଛି। ଏହି ବୃକ୍ଷରାଜିର ଉପସ୍ଥିତି ଯୋଗୁଁ ୧୯୯୬ ମସିହାରୁ ୨୦୧୦ ମସିହା ମଧ୍ୟରେ ବନ୍ୟାଜନିତ ୧୩ ହଜାର କୋଟି ଡଲାରର କ୍ଷୟକ୍ଷତିକୁ ରୋକାଯାଇପାରିଛି।



ସେହିପରି ୨୦୧୦ ଓ ୨୦୨୦ ମଧ୍ୟରେ ବଞ୍ଚିଯାଇଥିବା କ୍ଷତି ପରିମାଣ ୫୦ ହଜାର କୋଟି ଡଲାର ବୋଲି ଆକଳନ କରାଯାଇଛି। ହେନ୍ତାଳବଣର ସମ୍ପ୍ରସାରଣ ଯୋଗୁଁ ଯଦିଓ ଚିଙ୍ଗୁଡ଼ି ଚାଷ ଓ ଅନ୍ୟାନ୍ୟ ଉପକୂଳ ବିକାଶରେ ବ୍ୟାଘାତ ଘଟିଛି ତେବେ ବନ୍ୟା ପ୍ରତିରୋଧୀ ଭାବରେ ଏହି ପ୍ରାକୃତିକ ସବୁଜ ସମ୍ପତ୍ତି ଉପକୂଳବାସୀଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଛି। ଏହି ବନ୍ୟା ଓ ଝଡ଼ ପ୍ରତିରୋଧୀ ସୁରକ୍ଷା କବଚ ଦ୍ୱାରା ଚୀନ, ଭିଏତନାମ, ଅଷ୍ଟ୍ରେଲିଆ, ଆମେରିକା ଓ ଭାରତ ଭଳି ଦେଶ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି ଏହି ଅଧ୍ୟୟନରୁ ଜଣାଯାଇଛି। ଅନେକ ଏହି ହେନ୍ତାଳ ବଣ ସନ୍ନିକଟ ଅଧିବାସୀ ମାନେ ସେମାନଙ୍କ ଜୀବନ ଜୀବିକା ପାଇଁ ଅନେକାଂଶରେ ଏହା ଉପରେ ନିର୍ଭରଶୀଳ। ଏହା ସହିତ ହେନ୍ତାଳ ବଣ ମାଟି ଅବକ୍ଷୟ ପାଇଁ ବିଶାଳ ପାଚେରୀ ସୁରକ୍ଷା କବଚ ହୋଇଥାଏ ଅନ୍ୟ ପଟେ ଏହା ଅମ୍ଳଜାନର ଗନ୍ତାଘର। ଏହି ଜୈବ ବିବିଧତା ଭିତରେ ଅନେକ ପଶୁପକ୍ଷୀ ବସବାସ କରନ୍ତି। ସାମୁଦ୍ରିକ ଜଳରାଶିରେ ମତ୍ସ୍ୟ ସମ୍ପଦ ସରକାରଙ୍କ ରାଜସ୍ୱ ପାଇବାର କାରଣ ହୋଇଥାଏ ଏବଂ ଅନେକ ଲୋକଙ୍କର ଜୀବନ ଜୀବିକାର ମୁଖ୍ୟ ଆଧାର ହୋଇଥାଏ। ତେଣୁ ବର୍ତ୍ତମାନ ଅନେକ ଦେଶରେ ହେନ୍ତାଳ ବଣର କେବଳ ସୁରକ୍ଷା ନୁହେଁ ଏହାର ପୁନରୁଦ୍ଧାର ସହିତ ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ କରି ଅନେକ ପ୍ରକୃତିପ୍ରେମୀ ଏହି ସ୍ଥାନକୁ ଯାତ୍ରା କରୁଛନ୍ତି। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଅନେକ ବିକାଶ ମଧ୍ୟ ହୋଇପାରୁଛି। ହେନ୍ତାଳ ବଣର ସୁରକ୍ଷା ଓ ପୁନରୁଦ୍ଧାର କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ଏହା ପରୋକ୍ଷରେ ଆର୍ଥିକ ଲାଭ ମଧ୍ୟ ପ୍ରଦାନ କରୁଥିବାରୁ ତାହା ଉପରେ ଗୁରୁତ୍ୱାରୋପ କରିବା ଅପରିହାର୍ଯ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଛେନା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଛେନା ଏକ ପୁଷ୍ଟିକର ଖାଦ୍ୟ। ଓଡ଼ିଶାର ଅନେକ ଜିଲ୍ଲା ଅଛି, ଯେଉଁଠି ଲୋକମାନେ ପ୍ରତିଦିନ ରାତି ଖାଦ୍ୟରେ ଛେନାକୁ ସାମିଲ କରିବାକୁ ଭୁଲନ୍ତି ନାହିଁ। କାରଣ ଛେନାରେ ଥିବା ପୁଷ୍ଟିସାର ଆମର ଅନେକ ରୋଗବ୍ୟାଧି ଦୂର କରିବା ସହ ଆମ ଚର୍ମକୁ ସତେଜ ସୁନ୍ଦର ରଖିବାରେ ବେଶ ସହାୟକ ହୁଏ। ସେଥିପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଭୋଗରେ ମଧ୍ୟ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଓ ଛେନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେଣୁ ଆପଣମାନେ ପ୍ରତିଦିନ ଅଥବା ବିଭିନ୍ନ ଭୋଜିରେ ଖାଉଥିବା ଛେନା ଓଡ଼ିଶାର ଦୁଇଟି ବଡ଼ ଜିଲ୍ଲାରୁ ଉତ୍ପାଦନ ହୋଇଥାଏ। ଗୋଟିଏ ହେଲଶ ପୁରୀ ଓ ଅନ୍ୟଟି କଟକ। ସାରା ଓଡ଼ିଶାକୁ ସିଂହଭାଗ ଛେନା ଏହି ଦୁଇଟି ଜିଲ୍ଲା ଆବାହମାନ କାଳରୁ ଯୋଗାଇ ଆସୁଛନ୍ତି। ବର୍ତ୍ତମାନର ବଜାରରେ ତିନି ପ୍ରକାର ଛେନା ବିକ୍ରି ହେଉଛି। ଯଥା ଚିପୁଡ଼ା ଛେନା, ଗାଣ୍ଠିଲି ଛେନା ଓ ଡ୍ରମ ଛେନା। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଛେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଯେତିକି ରହସ୍ୟମୟ ତାଙ୍କ ଦାରୁବ୍ରହ୍ମରୂପୀ ବିଗ୍ରହ ଅନନ୍ୟ ଓ ଭକ୍ତଜନଙ୍କୁ କୃପା ଆଶୀର୍ବାଦ ଦେବା ପାଇଁ ସେ ସଦା ପ୍ରସ୍ତୁତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ମର୍ତ୍ତ୍ୟ ବୈକୁଣ୍ଠର ନୀଳାଚଳ କ୍ଷେତ୍ରର ଦିବ୍ୟ ରତ୍ନସିଂହାସନରେ ଉପାସିତ ହୋଇ ଆସୁଛନ୍ତି। ତାଙ୍କର ଦୈନନ୍ଦିନ ନୀତିକାନ୍ତି, ଦିନଚର୍ଯ୍ୟା, ରୂପ, ବେଶ, ଭୋଗ, ଉତ୍ସବ ସବୁକିଛି ସ୍ୱତନ୍ତ୍ର ଓ ଆନନ୍ଦପୂର୍ଣ୍ଣ। 'ମାଦଳା ପାଞ୍ଜି'ର ତଥ୍ୟ ମୁତାବକ ଅନଙ୍ଗଭୀମ ଦେବଙ୍କ ସମୟରେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ୮୪ ମଡ଼ ଫୁଲି ସଂଙ୍କୁଡ଼ି ଭୋଗ ବ୍ୟବସ୍ଥା ଆରମ୍ଭ ହେଲା। ଏହା ପୂର୍ବରୁ ଅର୍ଥାତ୍ ପ୍ରାଚୀନ ସମୟରୁ ଶ୍ରୀମନ୍ଦିରରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ସୁମିଷ୍ଟ ପିଠା, ଅନ୍ନବ୍ୟଞ୍ଜନ ଶ୍ରୀବିଗ୍ରହଙ୍କୁ ଅର୍ପଣ କରାଯାଇ ଆସୁଅଛି। ବର୍ଷ ତମାମ ଶ୍ରୀବିଗ୍ରହଙ୍କ ପାଖରେ ଯେଉଁ ନୈବେଦ୍ୟ ବ୍ୟବହାର କରାଯାଏ ଏହା ପ୍ରାୟତଃ ଘିଅ, ଗୁଡ଼, କ୍ଷୀର, ଛେନା, ସର, ଚାଉଳଚୁନା, ଗହମ ଚୁନା, ବଟାବିରି ଆଦିରୁ ପ୍ରସ୍ତୁତ ହୋଇଥାଏ। ତେବେ ବିଭିନ୍ନ ପର୍ବପର୍ବାଣୀରେ ସ୍ୱତନ୍ତ୍ର ଭାବରେ ଛେନା ଜାତୀୟ ପିଠା ବା ପିଷ୍ଟକ ଓ ପଣା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଏ। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଏହି ଛେନା କିପରି ସବୁ ବିଭିନ୍ନ ପିଠାପଣାରେ ଲାଗି ହୋଇଥାଏ।

ଶ୍ରୀଜୀଉଙ୍କ ବିଭିନ୍ନ ପର୍ବପର୍ବାଣୀ ଭିତରେ ନରେନ୍ଦ୍ର ପୁଷ୍କରିଣୀରେ ଯେଉଁ ଏକୋଇଶ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ହୋଇଥାଏ ସେ ସମୟରେ ବଡ଼ ସୁଆର ସେବକଙ୍କ ପରିଚାଳନାରେ ଛେନା କେଳି, ଛେନା ମାଣ୍ଡୁଅ ବିଜେ ପ୍ରତିମାକୁ ଅର୍ପଣ କରାଯାଏ। ପ୍ରତିଦିନ ପାଖାପାଖି ୨୦ କିଲୋରୁ ଊର୍ଦ୍ଧ୍ୱ ପରିମାଣର ଛେନା ଶତାଧିକ କେଳି ଓ ଛେନା ମାଣ୍ଡୁଆ ରୋଷଘରେ ପ୍ରସ୍ତୁତ ହୋଇ ଶ୍ରୀଜୀଉଙ୍କୁ ଏହି ଚନ୍ଦନଯାତ୍ରା ଅବସରରେ ହିଁ ଅର୍ପଣ କରାଯାଏ।

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରା ବା ରଥଯାତ୍ରା ସମୟରେ ପହଣ୍ଡି ବିଜେ ଓ ତାଙ୍କ ଚଳନ୍ତି ପ୍ରତିମାଙ୍କ ବିଜେ ସମୟରେ ଏକ ସ୍ୱତନ୍ତ୍ର ଭାବରେ ପଂକ୍ତି ଭୋଗ ସମର୍ପଣ ହୋଇଥାଏ। ଏହି ପଂକ୍ତି ଭୋଗରେ ଛେନାର ଭୂମିକା ଥାଏ। ଛେନାରେ ପ୍ରସ୍ତୁତ ଛେନା ମାଣ୍ଡୁଆ, ରସଗୋଲା, ଛେନାକଟା ଓ ତାଡ଼ିଆ ଭୋଗ ବର୍ଷରେ ଥରେ ଏହି ସମୟରେ ହିଁ ଅର୍ପଣ ହେବାର ଆବହମାନ ସମୟରୁ ବିଧି ଓ ପରମ୍ପରା ରହିଆସିଅଛି।

ରଥଯାତ୍ରାର ଶେଷ ପର୍ଯ୍ୟାୟଟି ହେଉଛି ନୀଳାଦ୍ରି ବିଜେ ଓ ଅଧରପଣା। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ରଥ ଉପରେ ଶ୍ରୀଜୀଉଙ୍କୁ ଅଧର ପଣା ଭୋଗ ଲାଗି ହୋଇଥାଏ। ଏହି ଅଧର ହାଣ୍ଡି ସ୍ୱତନ୍ତ୍ର ଭାବରେ ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ଏକ ବଡ଼ ଅଧର ହାଣ୍ଡିରେ ଶ୍ରୀଜୀଉଙ୍କ ପାଇଁ ଯେଉଁ ପଣା ପ୍ରସ୍ତୁତ ହୋଇଥାଏ ସେଥି ଭିତରୁ ଛେନା ଅନ୍ୟତମ। ପୂର୍ବେ ବଡ଼ ଓଡ଼ିଆ ମଠ, ରାଘବଦାସ ମଠ ଏହାକୁ ଯୋଗାଉଥିବାବେଳେ ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଉଛି। ଅଧର ପଣାରେ ପାଖାପାଖି ସାତଟି ସାମଗ୍ରୀ ଲାଗି ହୋଇଥାଏ ସେଥିଭିତରୁ ଦଶ କିଲୋଗ୍ରାମ ଛେନା

ଏହି ପଣାରେ ମିଶିଥାଏ।

ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉ ଅତ୍ୟଧିକ ସ୍ନାନ କରି ଅଣସରରେ ରହିବାର ପରମ୍ପରା ଓ ବିଧି ରହିଛି। ଶ୍ରୀଜୀଉଙ୍କ ଏହି ଅଣସର ନୀତି ସମୟରେ ଶ୍ରୀମନ୍ଦିରର ତାଟି ଭିତରେ ଦଇତାପତିଙ୍କ ଦ୍ୱାରା ଗୁପ୍ତ ସେବା ପୂଜାନୀତି ସମ୍ପନ୍ନ ହୋଇଥାଏ। ତେବେ ଅନେକ ହୁଏତ ଜାଣି ନଥିବେ ଅଣସର ସମୟରେ ପ୍ରତିଦିନ ପାଖାପାଖି ଦେଢ଼ଶହ କିଲୋଗ୍ରାମର ଊର୍ଦ୍ଧ୍ୱ ପରିମାଣର ଛେନା ଚକଟା ଭୋଗରେ ପତିମହାପାତ୍ର ସେବକଙ୍କ ଦ୍ୱାରା ନୀତି ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ବ୍ୟତୀତ ଶ୍ରୀଜୀଉଙ୍କ ନୀତିକାନ୍ତି ସହିତ ଜଡ଼ିତ ଥିବା ଅନେକ ମଠ ପକ୍ଷରୁ ଚକଟା ଭୋଗରେ ଆବଶ୍ୟକ ହେଉଥିବା ଛେନା ଓ ସର ଆଦି ଯୋଗାଇ ଦିଆଯାଇଥାଏ।

ନୀଳଦ୍ରି ବିଜେରେ ଶ୍ରୀଜୀଉଙ୍କ ରସଗୋଲା ଭୋଗ ଅନନ୍ୟ ଓ ସ୍ୱତନ୍ତ୍ର। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବା ପତିତପାବନ ଯାତ୍ରା ସମୟରେ ନୀଳାଦ୍ରି ମଣ୍ଡପକୁ ଶ୍ରୀଜୀଉଙ୍କ ପହଣ୍ଡି ସମୟରେ ଭଣ୍ଡାର ଦ୍ୱାର ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କୁ ଭିତରଛ ମହାପାତ୍ର ସେବକ ରସଗୋଲା ଭୋଗ ଅର୍ପଣ କରିଥାନ୍ତି। ଯାହାକି ଛେନାରେ ପ୍ରସ୍ତୁତ ହୋଇଥାଏ। ନୀଳାଦ୍ରି ବିଜେ ସମୟରେ ରଥାରୂଢ଼ ଶ୍ରୀଜୀଉ ବିରାଜମାନ କରିଥିବାବେଳେ ଲକ୍ଷାଧିକ ଟଙ୍କାର ରସଗୋଲା, ଛେନା ତାଡ଼ିଆ ଓ ଛେନା ପିଠା ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ। ମାଦଳା ପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଏହାକୁ 'ସର୍ପାମଣୋହୀ' କୁହାଯାଏ।

ମହାପ୍ରଭୁଙ୍କ ମାଉସୀ ମାଆ ଘର ଓ ପୋଡ଼ ପିଠା ସମ୍ପର୍କରେ ଉଣା ଅଧିକେ ସମସ୍ତେ ଜାଣନ୍ତି। ମହାପ୍ରଭୁଙ୍କ ମାଉସୀ ମାଆ ବା ଅର୍ଦ୍ଧାଶନୀ ମନ୍ଦିର ଠାରେ ଛେନା, ଘିଅ, ଅଟା ଇତ୍ୟାଦିର ସନ୍ନିଶ୍ରଣରେ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ। ରଥାରୂଢ଼ ଶ୍ରୀଜୀଉ ଏହି ପୋଡ଼ପିଠା ବର୍ଷକରେ ଥରେ ମାଉସୀ ମାଆଙ୍କ ଘରେ ପାଇବାର ଆବହମାନ ପରମ୍ପରା ରହିଛି।

ପବିତ୍ର ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ଓ ଭୋଗ ପରମ୍ପରାର ବ୍ୟବସ୍ଥା ରହିଛି। ବର୍ଷରେ ଥରେ ଏହି ମକର ସଂକ୍ରାନ୍ତି ଦିନ 'ମକର ଚଉରାଅଶି' ଭୋଗ ଅର୍ପଣ ହେବାର ପରମ୍ପରା ରହିଛି। ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରର ରୋଷଘରେ ଥିବା କୋଠଭୋଗ ଚୁଲିରେ ଚଉରାଅଶି ପ୍ରକାର ପିଠା ପ୍ରସ୍ତୁତ ହୋଇ ଅର୍ପଣ ହେବାର ପରମ୍

ଅପରେସନ ସିନ୍ଦୂରର ୧୮ ମାସ ପରେ

ପାକିସ୍ତାନକୁ ନିମନ୍ତ୍ରଣ କଲା ଭାରତ

ନୂଆଦିଲ୍ଲୀ,୨୮।୧୦: ଅପରେସନ ସିନ୍ଦୂରର ୧୮ ମାସ ପରେ ପରେ ଭାରତ ପ୍ରଥମ ଥର ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରିଛି। ନଭେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନକୁ ଡକାଇଛି। ଭାରତ ପକ୍ଷରୁ ପାକିସ୍ତାନ ସମେତ ସମସ୍ତ ୧୦ ସଦସ୍ୟ ରାଷ୍ଟ୍ରଙ୍କୁ ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ କରିଛି।

ସଦସ୍ୟମାନଙ୍କ ମଧ୍ୟରେ ଚୀନ୍, ରୁଷିଆ, ଭାରତ, ପାକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଓ ବେଲାରୁସ ଅନ୍ତର୍ଭୁକ୍ତ ଅଛନ୍ତି। ଏହା ୟୁରୋପ ଓ ଏସିଆର ଦେଶମାନଙ୍କର ଏକ ସଂଗଠନ। ଏସସିଓର ଆଲୋଚନା ମୁଖ୍ୟତଃ ଶାନ୍ତି, ସୁରକ୍ଷା ଓ ସ୍ଥିରତା ଉପରେ କେନ୍ଦ୍ରିତ। ଏକ ରାଜନୈତିକ ଏବଂ ଆର୍ଥିକ ସଂଗଠନ ଭାବରେ ଏସସିଓ ପରିଚିତି ହାସଲ କରିଛି। ଏହି ସଂଗଠନ ପ୍ରଥମେ ସାଂଘାଇ-୫ ନାମରେ ପରିଚିତି ହାସଲ କରିଥିଲା। ପରେ ଏହାକୁ ଏସସିଓ ଭାବେ ନାମକରଣ କରାଯାଇଥିଲା। ୧୦ ଦେଶ ଯୋଡିହେବା ସହିତ ଏହି ସଂଗଠନ ବିଶ୍ୱ ଜନସଂଖ୍ୟାର ୪୨ ପ୍ରତିଶତ ପ୍ରତିନିଧିତ୍ୱ କରୁଛି। ଏହା ସହିତ ସଦସ୍ୟ ଦେଶଗୁଡ଼ିକର ଜିଡିପି ବିଶ୍ୱର ଜିଡିପିର ପ୍ରାୟ ଏକ-ଚତୁର୍ଥାଂଶକୁ ପ୍ରତିନିଧିତ୍ୱ କରେ। ବିଶ୍ୱ ବାଣିଜ୍ୟରେ ସଦସ୍ୟ ଦେଶମାନଙ୍କର ଅଂଶ ପ୍ରାୟ ୧୫ ପ୍ରତିଶତ ରହିଛି।ଏହା ଦ୍ୱାରା ତିକ୍ତ ହୋଇଥିବା ସମ୍ପର୍କରେ ପୁଣି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଦୀର୍ଘ ଦିନ ଧରି ଅଟକି ରହିଥିବା ଆଲୋଚନା ପୁଣି ଥରେ ଆରମ୍ଭ ହୋଇ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିବାର ପଥ ପରିଷ୍କାର ହୋଇପାରେ। ଭାରତ ଦ୍ୱାରା ନିଜ ସୁରକ୍ଷା ପାଇଁ ମେ' ୨୦୨୫ରେ ଆରମ୍ଭ ହୋଇଥିବା ଏକ ସାମରିକ ଅଭିଯାନ ଅପରେସନ ସିନ୍ଦୂର ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା। ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଅପରେସନ ପୂର୍ବରୁ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ପହଲଗାମରେ ବର୍ବର କାଣ୍ଡ ଘଟାଇଥିଲେ। ପହଲଗାମକୁ ଆସିଥିବା ପର୍ଯ୍ୟଟକଙ୍କ ନାମ ପଚାରି ସେମାନେ ଲୋକଙ୍କୁ ଗୁଳି କରିଥିଲେ। ପାକ୍ ଅଧିକୃତ କାଶ୍ମୀରରେ ଅପରେସନ ସିନ୍ଦୂର ଆରମ୍ଭ କରି ଭାରତ ପ୍ରତିଶୋଧ ନେଇଥିଲା।

ସରକାର କପଟ ଆଚରଣ କରୁଛନ୍ତି: ୟୁବିଟି

ନୂଆଦିଲ୍ଲୀ: ଏସସିଓ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନକୁ ଡାକିବା ଘଟଣାକୁ ନେଇ ଦେଶ ଭିତରେ ଆଭ୍ୟନ୍ତରୀଣ ରାଜନୀତି ଉତ୍ସ ହେବାରେ ଲାଗିଛି। ଶିବସେନା ୟୁବିଟି ନେତା ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳ ନୀତି, ଆତଙ୍କବାଦ ସହିତ କୌଣସି ଆଲୋଚନା ନକରିବାର ପ୍ରତିଶ୍ରୁତି ଦେଇଥିଲେ। ଆମ ଦେଶ କେଉଁ ସମସ୍ୟାରେ ପଡ଼ି ପାକିସ୍ତାନକୁ ନିମନ୍ତ୍ରଣ କରିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଗୋଟିଏ ପଟେ ସେମାନଙ୍କୁ ପାଣି ଯୋଗାଣ ବନ୍ଦ କରିଦେଉଛ, ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା କଥା କହୁଛ। ଅନ୍ୟପଟେ ସେମାନଙ୍କୁ ନିମନ୍ତ୍ରଣ କରୁଛ। ସେ ବ୍ୟଙ୍ଗାତ୍ମକ ଭାବରେ ମନ୍ତବ୍ୟ ଦେଇଛନ୍ତି ଯେ, ବିଜେପିର ଏହା କିଭଳି କୂଟନୀତି? ବିନା ନିମନ୍ତ୍ରଣରେ ୨୦୧୫ରେ ନୱାଜ ସରିଫଙ୍କ ଝିଅର ବିବାହ ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଚାନକ ପାକିସ୍ତାନ ଗସ୍ତ କରିଥିଲେ। ତା'ପରେ ଆମେ ଆତଙ୍କବାଦ ମାଧ୍ୟମରେ ସେମାନଙ୍କଠାରୁ ଜବାବ ପାଇଥିଲୁ। ପାକିସ୍ତାନ ଏକ ଆତଙ୍କବାଦୀ ରାଷ୍ଟ୍ର।

ଲଢ଼େଇ ନୁହେଁ, ଆଲୋଚନା ଚାହୁଁଛୁ

● ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ବ୍ୟବସାୟୀଙ୍କ ଚିଠି

ନୂଆଦିଲ୍ଲୀ, ୨୮।୧୦ : ଲଢ଼େଇ ନୁହେଁ, ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଛନ୍ତି ଦିଲ୍ଲୀର ବ୍ୟବସାୟୀ। ନଭେମ୍ବର ୧ରେ ରାମଲୀଳା ମଇଦାନରେ ପ୍ରସ୍ତାବିତ ବିରୋଧୀ ଇଣ୍ଡି ମେଣ୍ଟର ସମାବେଶକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପୁଣି ଚିଠି ଲେଖିଛି ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)। ସମାବେଶକୁ ଦୀପାବଳି ପରେ କରିବାକୁ ସଂଗଠନ ଅନୁରୋଧ କରିଛି। ସଂଗଠନର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ରାହୁଲଙ୍କୁ ୨୦ ମିନିଟ୍ ସମୟ ଦେବାକୁ କହିଛନ୍ତି। ଦିଲ୍ଲୀର ୨୦ଟି ପ୍ରମୁଖ ବଜାରର ବ୍ୟବସାୟୀ ପ୍ରତିନିଧି ତାଙ୍କ ସହ ଆଲୋଚନା କରିବାକୁ ଚାହୁଁଛନ୍ତି। ସମାବେଶରେ ପ୍ରାୟ ୧୦ ଲକ୍ଷ ଲୋକ ଯୋଗଦେଲେ ବଜାରରେ ଗ୍ରାହକଙ୍କ ଯାତାୟତ ଓ ବ୍ୟବସାୟ ପ୍ରଭାବିତ ହୋଇପାରେ ବୋଲି ବ୍ୟବସାୟୀଙ୍କ ଆଶଙ୍କା କରୁଛନ୍ତି। ରାହୁଲ ଯଦି ବୁଝାଇପାରିବେ ଯେ, ସମାବେଶ ଦ୍ୱାରା ବ୍ୟବସାୟ ବଢ଼ିବ, ତେବେ ବ୍ୟବସାୟୀମାନେ ନିଜ ବିରୋଧ ପ୍ରତ୍ୟାହାର କରିବେ। ଅନ୍ୟପକ୍ଷରେ ସମାବେଶ ଯୋଗୁଁ କ୍ଷତି ହେବାର ଆଶଙ୍କାକୁ ସେମାନେ ବୁଝାଇପାରିଲେ କାର୍ଯ୍ୟକ୍ରମ ଘୁଞ୍ଚାଇବାକୁ ଦାବି କରିଛନ୍ତି। ଦୀପାବଳି ପୂର୍ବରୁ ବ୍ୟବସାୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ବଜାରର ସ୍ୱାଭାବିକ କାରବାର ରକ୍ଷା କରିବାକୁ ସଂଗଠନ ଗୁରୁତ୍ୱ ଦେଇଛି। ରାଜନୈତିକ କାର୍ଯ୍ୟକ୍ରମ ଓ ବ୍ୟବସାୟୀଙ୍କ ଜୀବିକା ମଧ୍ୟରେ ସନ୍ତୁଳନ ରଖିବା ଏବେ ମୁଖ୍ୟ ପ୍ରଶ୍ନ ହୋଇଛି। ପ୍ରଭାବିତ ହେବାକୁ ଥିବା ବଜାର ମଧ୍ୟରେ ଚାନ୍ଦନୀ ଚୌକ୍, ଭାଗୀରଥ ପ୍ୟାଲେସ୍, ଖରି ବାଓଲି, କରୋଲ ବାଗ, ଅଜମେରୀ ଗେଟ୍ ଓ ଦରିଆଗଞ୍ଜ ଆଦି ଅନ୍ତର୍ଭୁକ୍ତ।

କୋର୍ଟଙ୍କ ଆଦେଶ ଅମାନ୍ୟ କରି ଆମେରିକା ଫେରାର୍ ହେଲେ ଫ୍ଲାଭିଓ

ବ୍ରାସିଲିଆ/ୱାଶିଂଟନ୍,୨୮।୧୦: ବ୍ରାଜିଲର ରାଷ୍ଟ୍ରପତି ନିର୍ବାଚନରେ ପରାଜୟ ପରେ ଦକ୍ଷିଣପନ୍ଥୀ ସାଂସଦ ଫ୍ଲାଭିଓ ବୋଲସୋନାରୋ ସୁପ୍ରିମ୍ କୋର୍ଟଙ୍କ କଟକଣାକୁ ଅମାନ୍ୟ କରି ଆମେରିକା ଫେରାର୍ ହୋଇଯାଇଥିବା ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଦୁର୍ନୀତି ଏବଂ ମନି ଲଣ୍ଡରିଂ ଅଭିଯୋଗର ତଦନ୍ତ ଚାଲିଥିବାରୁ ସର୍ବୋଚ୍ଚ ଅଦାଲତ ତାଙ୍କ ଦେଶତ୍ୟାଗ ଉପରେ ରୋକ୍ ଲଗାଇବା ସହ ୨୪ ଘଣ୍ଟା ମଧ୍ୟରେ ପାସପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପାସପୋର୍ଟ ସମର୍ପଣ ନକରି ସେ ଅଜ୍ଞାତ ଉପାୟରେ ଆମେରିକାର ଫ୍ଲୋରିଡା ପହଞ୍ଚିଥିବା ସୋସିଆଲ ମିଡିଆ ଓ ଗଣମାଧ୍ୟମ ରିପୋର୍ଟରୁ ପ୍ରକାଶ ପାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଆମେରିକା ବୈଦେଶିକ ବିଭାଗ ସ୍ପଷ୍ଟ କରିଛି ଯେ, ଫ୍ଲାଭିଓ ବୋଲସୋନାରୋ, ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ପ୍ରବେଶ ଭିସା ପ୍ରଦାନ କରାଯିବ। ପୂର୍ବତନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସହ ବୋଲସୋନାରୋ ପରିବାରର ଘନିଷ୍ଠ ସମ୍ପର୍କ ରହିଥିବାରୁ ସେମାନଙ୍କୁ ଆମେରିକାରେ ରାଜନୈତିକ ଛତ୍ରଛାୟା ବା ଆଶ୍ରୟ ମିଳିବା ନେଇ ଆଶଙ୍କା କରାଯାଉଛି। ବୋଲସୋନାରୋଙ୍କ ଏଭଳି ପଦକ୍ଷେପକୁ ନେଇ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍ଭା ସୂଚନା ପାଇ କ୍ଷୋଭ ପ୍ରକାଶ କରିଛନ୍ତି। ନିଜର ୮୧ତମ ଜନ୍ମଦିନ ଅବସରରେ ଏକ କାର୍ଯ୍ୟକ୍ରମରେ ପ୍ରତିକ୍ରିୟା ରଖି ଲୁଲା କହିଛନ୍ତି, ବୋଲସୋନାରୋ ପରିବାରର ଚରିତ୍ର ଏହିପରି। ବ୍ରାଜିଲ୍ ସେମାନଙ୍କର ଦ୍ୱିତୀୟ ମାତୃଭୂମି, ପ୍ରଥମ ମାତୃଭୂମି ହେଉଛି ଆମେରିକା। ଯାହାର କୌଣସି ଦୋଷ ନାହିଁ, ସେ କାହାକୁ ଭୟ କରେନାହିଁ। ନିର୍ବାଚନ ହାରିବା ପରେ ଚୋର ଭଳି ଦେଶ ଛାଡ଼ି ପଳାଇବା ଅତ୍ୟନ୍ତ ଲଜ୍ଜାଜନକ କାର୍ଯ୍ୟ।

ପାକିସ୍ତାନ ରାଜପଥରୁ ବାଲୁଚ୍ ରାଜକୁମାରଙ୍କୁ ଅପହରଣ

ଇସଲାମାବାଦ,୨୮।୧୦: ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ବର୍ତ୍ତମାନର କଲାତର ଖାନ ସୁଲେମାନ ଖାନ ଦାଉଦଙ୍କ ପୁଅ ପ୍ରିନ୍ସ ମହମ୍ମଦ ଖାନ ଅହମଦଜାଇଙ୍କୁ ଅପହରଣ କରାଯାଇଛି। ପୁଲିସ କହିଛି, ରାଜକୁମାରଙ୍କ ସହିତ ତାଙ୍କର ତିନି ଜଣ ଅଙ୍ଗରକ୍ଷୀଙ୍କୁ ମଧ୍ୟ ଅପହରଣ କରାଯାଇଛି। କ୍ୱେଟାର ପୁଲିସ ମୁଖ୍ୟାଳୟ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରିନ୍ସ ଅହମଦଜାଇ ସୋମବାର ରାତିରେ ଖୁଜଦାରରୁ କଲାତକୁ ଯାତ୍ରା କରୁଥିବା ସମୟରେ ସଶସ୍ତ୍ର ଲୋକମାନେ ରାଜପଥରେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ପୁଲିସ କହିଛି, ସଶସ୍ତ୍ର ଲୋକମାନେ ପ୍ରିନ୍ସ ଅହମଦଜାଇ ଏବଂ ତାଙ୍କର ତିନି ଜଣ ଅଙ୍ଗରକ୍ଷୀଙ୍କୁ ଅପହରଣ କରି ଏକ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ଏହି ଘଟଣା ପରେ ପୁଲିସ ସୁରକ୍ଷା ଏଜେନ୍ସିର ଅଧିକାରୀମାନେ ଅପହୃତମାନଙ୍କୁ ଖୋଜିବା ଏବଂ ସୁରକ୍ଷିତ ଭାବରେ ଫେରାଇ ଆଣିବା ପାଇଁ ତଲାସୀ ଆରମ୍ଭ କରିଛନ୍ତି। ଅପହୃତମାନଙ୍କର ଅବସ୍ଥିତି ଅଜଣା ରହିଛି ଏବଂ ଘଟଣା କିପରି ଘଟିଲା ସେ ବିଷୟରେ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ। 'କଲାତର ଖାନ' ଉପାଧି ପୂର୍ବତନ କଲାତ ରାଜ୍ୟର ଶାସକମାନଙ୍କର ଏକ ଐତିହାସିକ ଉପାଧି। ପୂର୍ବରୁ ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ଅବସ୍ଥିତ କଲାତ ସହରରେ ବ୍ରାହୁଇ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଏକ ରାଜତନ୍ତ୍ର କାର୍ଯ୍ୟ କରୁଥିଲା। ବର୍ତ୍ତମାନର କଲାତ ଖାନ ସୁଲେମାନ ଦାଉଦ ଯୁକ୍ତରାଜ୍ୟ ଏବଂ ୱେଲ୍ସରେ ବାସ କରୁଛନ୍ତି। ରାଜନୈତିକ ଏକତା ପ୍ରତିଷ୍ଠା, ଏକ ସ୍ୱାଧୀନ ପରିଚୟ ପ୍ରତିଷ୍ଠା ଏବଂ ବଲୁଚିସ୍ତାନର ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଭାବନା ବୃଦ୍ଧି କରିବାରେ ଐତିହାସିକ ଭୂମିକା ପାଇଁ କଲାତର ଖାନ ପରିବାରକୁ ବେଲୁଚିସ୍ତାନରେ ସମ୍ମାନ ପ୍ରଦାନ କରାଯାଇଥାଏ।

ମଧ୍ୟପ୍ରଦେଶରୁ ରାଜ୍ୟସଭା ଯିବେ ହରଦୀପ ସିଂହ ପୁରୀ

ଭୋପାଳ/ନୂଆଦିଲ୍ଲୀ, ୨୮।୧୦: ମଧ୍ୟପ୍ରଦେଶରେ ଆଗାମୀ ରାଜ୍ୟସଭା ଉପ-ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହାସହ ଗତ କିଛି ଦିନ ହେବ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀଙ୍କ ଆଗାମୀ ରାଜ୍ୟସଭା କାର୍ଯ୍ୟକାଳକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ୭୪ ବର୍ଷୀୟ ପୁରୀଙ୍କ ନାମକୁ ଆନୁଷ୍ଠାନିକ ଅନୁମୋଦନ ଦେଇଥିବା ଦଳ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନଙ୍କ ଇସ୍ତଫା ପରେ ମଧ୍ୟପ୍ରଦେଶରୁ ଖାଲି ପଡ଼ିଥିବା ଏକମାତ୍ର ରାଜ୍ୟସଭା ଆସନ ପାଇଁ ଏହି ଉପ-ନିର୍ବାଚନ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଏକମାତ୍ର ସିଖ୍ ଚେହେରା ଭାବେ ପ୍ରତିନିଧିତ୍ୱ କରୁଥିବା ପୁରୀ ଏହାପୂର୍ବରୁ ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ, ଯାହାର କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେଉଛି।

ଖଡ୍‌ଗେଙ୍କ ବାସଭବନରେ ହେବ 'ସାର୍ବଜନୀନ ମହାଭିଯୋଗ'

ନୂଆଦିଲ୍ଲୀ,୨୮।୧୦: ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବଡ଼ ରାଲି ଆୟୋଜନ ହେବା ପୂର୍ବରୁ ଇଣ୍ଡିଆ ବ୍ଲକ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଅଭିଯାନକୁ ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି।

ଏହି ରଣନୀତିର ଅଂଶ ସ୍ୱରୂପ ଅକ୍ଟୋବର ୩୦ ତାରିଖରେ ଏକ 'ସାର୍ବଜନୀନ ମହାଭିଯୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବରୁ ଅଶୋକା ହୋଟେଲ ଏବଂ ରାମଲୀଳା ମୈଦାନରେ କାର୍ଯ୍ୟକ୍ରମ ଯୋଜନା କରାଯାଇଥିଲା। କିନ୍ତୁ କଂଗ୍ରେସ ଅଭିଯୋଗ କରିଛି ଯେ, ସରକାରୀ ଚାପ ଯୋଗୁଁ ଉଭୟ ସ୍ଥାନରେ ଅନୁମତି ମନା କରାଯାଇଛି। ଏହା ପରେ କଂଗ୍ରେସ ଦଳ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ବାସଭବନ ୧୦ ରାଜାଜୀ ମାର୍ଗକୁ କାର୍ଯ୍ୟକ୍ରମ ପାଇଁ ସ୍ଥାନ ଭାବରେ ଚୟନ କରିଛି।

ଏହି ସ୍ଥାନଟି କଂଗ୍ରେସ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ଇଣ୍ଡିଆ ବ୍ଲକ ବୈଠକ ଏବଂ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଆଲୋଚନାର ସ୍ଥାନ ହୋଇଆସିଛି। ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଏବଂ ଓମାର ଅବଦୁଲ୍ଲାଙ୍କ ସମେତ ଅନେକ ପ୍ରମୁଖ ବିରୋଧୀ ନେତା ସେଠାରେ ବୈଠକରେ ଯୋଗ ଦେଇଛନ୍ତି।

ଅକ୍ଟୋବର ୩୦ ତାରିଖ ଦିନ ଅପରାହ୍ନ ସାଢ଼େ ୩ଟା ରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ବ୍ଲକର ସାଂସଦଙ୍କ ସହିତ ନାଗରିକ ସମାଜ ଏବଂ ଆଇନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେବେ। କିଛି ପୂର୍ବତନ ବିଚାରପତି ମଧ୍ୟ ଯୋଗଦେବାର ଆଶା କରାଯାଉଛି। ବିରୋଧୀ ସାଂସଦମାନଙ୍କୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ହ୍ୱାଟସଆପ୍ ମାଧ୍ୟମରେ ବାର୍ତ୍ତା ପଠାଯାଇଛି। କାର୍ଯ୍ୟକ୍ରମରେ ସିଇସିଙ୍କ ବିରୋଧରେ ଏକ ପ୍ରସ୍ତାବ ଉପସ୍ଥାପନ କରାଯିବ, ଯାହା ପୂର୍ବରୁ ପ୍ରସ୍ତୁତ ହୋଇସାରିଛି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ଦେବାର ପ୍ରଭାବ ଉପରେ ଆଲୋକପାତ କରାଯିବ। ଏହି ପ୍ରସ୍ତାବରେ ଜ୍ଞାନେଶ କୁମାରଙ୍କ ଉପରେ ମନମୁଖୀ ନିଷ୍ପତ୍ତି ନେବା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅନ୍ୟ ଦୁଇ ନିର୍ବାଚନ କମିସନରଙ୍କୁ ସାମିଲ ନକରିବା ଅଭିଯୋଗ କରାଯିବ। ବିରୋଧୀ ଦଳ ଯୁକ୍ତି ବାଢ଼ିଛନ୍ତି, ଏଭଳି ପରିସ୍ଥିତିରେ ମୁଖ୍ୟ ନିର୍ବାଚନ କମିସନର ନିଜ ପଦବୀରେ ରହିବା ଠିକ୍ ନୁହେଁ। ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଏକ ମକ୍ ପାର୍ଲାମେଣ୍ଟ ନୁହେଁ, ବରଂ ଏକ 'ସାର୍ବଜନୀନ ମହାଭିଯୋଗ'।

ସ୍ମିତ ମଙ୍ଗଲଙ୍କୁ ୟୁଏଇର ସର୍ବୋଚ୍ଚ ନାଗରିକ ସମ୍ମାନ

ଆବୁଧାବି,୨୮।୧୦: ଫ୍ଲାଏଦୁବାଇ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଙ୍ଗଲଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଜାଏଦ୍-୨' ପ୍ରଦାନ କରିଛନ୍ତି। ତାଙ୍କ ଅଦମ୍ୟ ସାହସ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଦୁବାଇରୁ ତେଲ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନର କକପିଟରେ ଘଟିଥିବା ଭୟଙ୍କର ଘଟଣା ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା।

ଗୁରୁତର ଆହତ ହେବା ସତ୍ତ୍ୱେ ଭାରତୀୟ କ୍ୟାପ୍ଟେନ୍ ସ୍ମିତ ସାହସ ପ୍ରଦର୍ଶନ କରି ୧୭୪ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ଜୀବନ ବଞ୍ଚାଇଥିଲେ।କ୍ୟାପଟେନ୍ ସ୍ମିତ ତାଙ୍କ ଆହତ ହାତରେ ବ୍ରେସ୍ ପିନ୍ଧି ତାଙ୍କ କ୍ରୁ ସଦସ୍ୟଙ୍କ ସହିତ ଉତ୍ସବରେ ପହଞ୍ଚିଥିଲେ। ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ଏହି ଅବସରରେ ତାଙ୍କୁ ଆଲିଙ୍ଗନ କରିଥିଲେ।

ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍ ଏବଂ ରାଜପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ କ୍ରୁ ସଦସ୍ୟମାନଙ୍କୁ ପଦକ ପ୍ରଦାନ କରି ସେମାନଙ୍କ ସାହସ, ଦାୟିତ୍ୱ ଏବଂ ଶୀଘ୍ର ନିଷ୍ପତ୍ତି ନେବାର କ୍ଷମତାକୁ ପ୍ରଶଂସା କରି କହିଛନ୍ତି, ଏହା ୟୁଏଇର ବିମାନ ଚଳାଚଳ କ୍ଷେତ୍ରର ସର୍ବୋଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରିଛି। ଏହା ୟୁଏଇର ଏକ ମର୍ଯ୍ୟାଦାଜନକ ନାଗରିକ ଏବଂ ସାମରିକ ସମ୍ମାନ। ଏହା ଦେଶ ଏବଂ ସମାଜ ପାଇଁ ଅସାଧାରଣ, ସାହସିକ ଏବଂ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ସେପ୍ଟେମ୍ବର ୩୦ ତାରିଖରେ, ଦୁବାଇରୁ ତେଲ ଅଭିଭ ଯାଉଥିବା ଫ୍ଲାଏଦୁବାଇ ବିମାନ

ଗୁଜରାଟକୁ ୧୦ ୱିକେଟରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ଗୁଜୁରାଟର ଅହମଦାବାଦଠାରେ ଥିବା ନରେନ୍ଦ୍ର ମୋଦି ଷ୍ଟାଡ଼ିୟମ ଗ୍ରାଉଣ୍ଡ ବି'ରେ ଚାଲିଥିବା ନବମ ନାଗେଶ ଟ୍ରଫିର ଗ୍ରୁପ୍ ସି'ର ପ୍ରଥମ ଲିଗ୍ ମ୍ୟାଚରେ ଓଡ଼ିଶା ଗୁଜୁରାଟକୁ ୧୦ ୱିକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜୁରାଟ ଦଳ ମାତ୍ର ୬୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଘାତକ ବୋଲିଂ ଏବଂ ଫିଲ୍ଡିଂ ଆଗରେ ବିପକ୍ଷ ଦଳ ତିଷ୍ଠି ପାରିନଥିଲା। ଦଳ ପାଇଁ ଲାଲ ପ୍ରସାଦ ସୋରେନ୍ ୩ଟି ୱିକେଟ, ହିମ୍ମିକ୍ ମୁର୍ମୁ ୨ଟି ଏବଂ ପଙ୍କଜ ହୁଏ, ଧନପତି ଗୌଡ ଓ ବାଦଲ ଦିପ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଓଡ଼ିଶା ଏହି ବିଜୟ ଲକ୍ଷ୍ୟକୁ ମାତ୍ର ୫.୧ ଓଭରରେ ୧ ୱିକେଟ୍ ହରାଇ ହାସଲ କରିନେଇଥିଲା। ଓଡ଼ିଶାର ବିଜୟ ଲକ୍ଷ୍ୟ ହାସଲରେ ଲିଙ୍ଗରାଜ ରାଉତରା ୨୨ ରନ୍ ଏବଂ ବାଦଲ ୩୨ ରନ୍ କରିଥିଲେ। ଘାତକ ବୋଲିଂ ପାଇଁ ଲାଲ ପ୍ରସାଦ ସୋରେନ୍‌ଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ' ଭାବେ ବିବେଚନା କରାଯାଇଥିଲା। ୩୦ ତାରିଖରେ ଓଡ଼ିଶା ତାର ଦ୍ୱିତୀୟ ଲିଗ୍ ମ୍ୟାଚରେ ଝାଡ଼ଖଣ୍ଡକୁ ଭେଟିବ।

ଷଷ୍ଠ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ବାରାଣସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ

ସାମିଲ ହେଲେ ୭୭୫ ବରିଷ୍ଠ ନାଗରିକ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତ ଆର୍ଥିକ ବର୍ଷର ଷଷ୍ଠ ବାରାଣସୀ-ଅଯୋଧ୍ୟା ଟ୍ରେନର ଶୁଭାରମ୍ଭ ହୋଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ଭୁବନେଶ୍ୱର ରେଳ ଷ୍ଟେସନରେ ଆଜି ପୂର୍ବାହ୍ନରେ ଶୁଭାରମ୍ଭ ଏହି ଟ୍ରେନରେ ୭୭୫ ଜଣ ତୀର୍ଥଯାତ୍ରୀ ଓ ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ଯାତ୍ରା କରିଛନ୍ତି। ସେମାନେ ବାରାଣସୀ ଓ ଅଯୋଧ୍ୟାରେ ତୀର୍ଥାଟନ ଆସନ୍ତା ୨ ତାରିଖରେ ଓଡିଶା ଫେରିବେ।

ଚଳିତ ଆର୍ଥିକ ବର୍ଷର ଷଷ୍ଠତମ ବରିଷ୍ଠ ନାଗରିକମାନଙ୍କର ବାରାଣସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠ ରାମଲାଲାଙ୍କ କ୍ଷେତ୍ରକୁ ଏହି ଯାତ୍ରା ସଫଳ ହେଉ। ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଦ୍ଧ ଲାଭ କରିପାରିବେ। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବା ସହ ସେହି ସ୍ଥାନର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଥିବା ସେ କହିଛନ୍ତି।

ଏହି ଷଷ୍ଠ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ। ଏହି ଅବସରରେ ତୀର୍ଥଯାତ୍ରୀ ମାନଙ୍କୁ ପ୍ରତୀକାତ୍ମକ ଭାବେ ରେଲୱେ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟଯେ, ୨୦୨୬-୨୭ ବର୍ଷରେ ମୋଟ ୧୦ ଟି ପର୍ଯ୍ୟାୟରେ ୮, ୦୦୦ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭ୍ରମଣ କରିବାକୁ ଥିବା ବେଳେ ଏହି ଯୋଜନାରେ ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାର ବରିଷ୍ଠ ନାଗରିକ ବିଭିନ୍ନ ସ୍ଥାନକୁ ଯାଇ ତୀର୍ଥ କରିସାରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଫେଲ୍ ମାରିଲା...

ଯାଇ ଦୁର୍ବଳ ହୋଇଯିବ। କିନ୍ତୁ ଯେତେବେଳେ 'ଅର୍ଣ୍ଣବ' ଆଣ୍ଡମାନ ପାଖରୁ ଗତିକରି ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହେଲା ଏବଂ ତା'ର ଗତିପଥ ଦକ୍ଷିଣ-ପଶ୍ଚିମ ଦିଗକୁ ରହିଲା, ସେତେବେଳେ ପରିସ୍ଥିତି ବଦଳିଗଲା। ଏହାକୁ ଏକ 'ବାଇନାରୀ ସିଷ୍ଟମ' କୁହାଯାଇପାରେ, ଯେଉଁଠାରେ ଦୁଇଟି ପାଣିପାଗ ପ୍ରଣାଳୀ ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ। ସାଧାରଣତଃ ଏକ ଶକ୍ତିଶାଳୀ ସିଷ୍ଟମ ଅନ୍ୟ ଏକ ଦୁର୍ବଳ ସିଷ୍ଟମକୁ ନିଜ ଆଡକୁ ଟାଣି ନେଇଥାଏ, କିନ୍ତୁ ଏଥର ସେଭଳି ହେଲା ନାହିଁ। ତଥାପି, ଦୁଇଟି ସିଷ୍ଟମର ଅର୍ବିଟ୍ ମଧ୍ୟରେ ପାର୍ଥକ୍ୟ ଏବଂ ସେମାନଙ୍କର ପେରିଫେରାଲ୍ ୱିଣ୍ଡ୍ ପାର୍ଶ୍ୱବର୍ତ୍ତୀ ପବନ ପାଟର୍ଣ୍ଣ ବିପରୀତମୁଖୀ ରହିବା କାରଣରୁ 'ଅର୍ଣ୍ଣବ'ର ଗତି ମନ୍ଥର ହୋଇଯାଇଥିଲା। ଓଡ଼ିଶାରେ 'ଅର୍ଣ୍ଣବ'ର ପ୍ରଭାବ କମ ରହିବାର ମୁଖ୍ୟ କାରଣ ହେଲା ବାଇନାରୀ ସିଷ୍ଟମର ପ୍ରଭାବ ଏବଂ ସ୍ଥିର ଅବସ୍ଥାରେ ତାମିଲନାଡୁ ପାଖରେ ଥିବା ସିଷ୍ଟମଟି ଦ୍ରୁତଗତିରେ ଉତ୍ତର ଦିଗକୁ ଅତିକ୍ରମ କରିଗଲା। ପଛରେ ଥିବା 'ଅର୍ଣ୍ଣବ'କୁ ଏହା ଟାଣି ରଖିବା ଯୋଗୁଁ 'ଅର୍ଣ୍ଣବ'ର ଆଗକୁ ବଢ଼ିବା ପ୍ରକ୍ରିୟା ବାଧାପ୍ରାପ୍ତ ହେଲା ଏବଂ ଏହା ସ୍ଥଳଭାଗ ନିକଟରେ ପ୍ରାୟ ସ୍ଥିର ହୋଇଗଲା। ଶକ୍ତି ହ୍ରାସ ଏବଂ ଶୁଷ୍କ ପବନର ପ୍ରଭାବ ସମୁଦ୍ର କୂଳରେ ବା ସ୍ଥଳଭାଗ ପାଖରେ ବହୁ ସମୟ ଧରି ସ୍ଥିର ରହିବା କାରଣରୁ 'ଅର୍ଣ୍ଣବ'ର ଶକ୍ତି କ୍ଷୟ ହୋଇଗଲା। ତଳ ପାଣି ଉପରକୁ ଆସିବା ଏବଂ ସ୍ଥଳଭାଗର ଥଣ୍ଡା ଓ ଶୁଷ୍କ ପବନ ସଂସ୍ପର୍ଶରେ ଆସିବା ଯୋଗୁଁ ଏହା ଦ୍ରୁତଗତିରେ ଦୁର୍ବଳ ହୋଇଗଲା। ପୂର୍ବଘାଟ ପର୍ବତମାଳା ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିବାରେ ପ୍ରତିବନ୍ଧକ ସାଜିଥିଲା।

ବାତ୍ୟା ସରିନି...

ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗତକାଲି ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଓଡ଼ିଶାରେ ଲଘୁଚାପର ପ୍ରଭାବ ପଡ଼ିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଆଣ୍ଡାମାନ ସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କିନ୍ତୁ ତାହା ଅବପାତ ହେବ କିମ୍ବା ବାତ୍ୟା ହେବ, ତା'ର ପୂର୍ବାନୁମାନ କରାଯାଇନାହିଁ। ତା'ର ପୂର୍ବାନୁମାନ କଲା ପରେ ତାହା କେଉଁ ଉପକୂଳକୁ ଯିବ ଓ କେତେ ତୀବ୍ରତାରେ ପହଞ୍ଚିବ, ତାହା ସ୍ପଷ୍ଟ ହେବ।

ଜିରୋ କାଜୁଆଲିଟି...

ରହିଥିଲେ। ବାତ୍ୟା ମୁକାବିଲା ପାଇଁ ଆରଡିସି ବ୍ରହ୍ମପୁରଙ୍କୁ ମିଶାଇ ୭ ଜଣ ଆଇଏଏସ୍ ଅଧିକାରୀ ଓ ପରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ୮ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ଦିଆଯାଇଥିଲା। ଆସନ୍ତା ଗୋଟିଏ ଦିନ ପର୍ଯ୍ୟନ୍ତ ମନ୍ତ୍ରୀମାନେ ନିଜ ନିଜ ଦାୟିତ୍ୱରେ ଥିବା ଜିଲ୍ଲାରେ ରହି ସ୍ଥିତି ସମୀକ୍ଷା କରିବେ। ଏହା ପରେ ସେମାନେ ଭୁବନେଶ୍ୱର ଫେରିବେ। ବାତ୍ୟାର କ୍ଷୟକ୍ଷତି ସଂକଳିତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ମୁକାବିଲା ପାଇଁ ୩୧୩ଟି ରେସ୍‌ପନ୍ସ ଟିମ୍, ୬୦ଟି ଓଡ୍ରାଫ୍ ଟିମ୍ ଓ ୨୪୪ଟି ଅଗ୍ନିଶମ ଟିମ୍ ମୁତୟନ କରାଯାଇଥିଲା। ଏଥିସହ ୨୦୩୭ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଥିଲା। ୮ଟି ଜିଲ୍ଲାର ୬୩୪ଟି ସ୍ଥାନରୁ ୪୩ ହଜାର ୮୨୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ୨୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ସମୟରେ ୯୩୧ଜଣ ଶିଶୁ ଜନ୍ମ ହୋଇଛନ୍ତି।

ଆସନ୍ତା ୨୪...

ଦିଗକୁ ଗତି କରିବା ଆରମ୍ଭ କରିଥିଲା। ସ୍ଥଳଭାଗ ଉପରେ ଗତି କରୁଥିବାରୁ ବାତ୍ୟାର ତୀବ୍ରତା କ୍ରମଶଃ ହ୍ରାସ ପାଇଥିଲା। ହେଲେ ପ୍ରଚୁର ଜଳୀୟବାଷ୍ପ ନେଇ ଓଡ଼ିଶା ମୁହାଁ ହୋଇଥିବାରୁ ଏହା ବିପଦ ସାବ୍ୟସ୍ତ ହେବ। କାରଣ ପ୍ରବଳ ବର୍ଷା ହେବ ଅର୍ଥାତ ୨୦୦ ମିମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଅର୍ଣ୍ଣବ ଓଡ଼ିଶା ଦେଇ ଛତିଶଗଡ଼ ମୁହାଁ ହେବା ସହ ଗଭୀର ଅବପାତ ପ୍ରଭାବରେ ପରିଣତ ହୋଇଥିଲା। ଏହା ଫଳରେ ବର୍ଷା ଓ ପବନର ପ୍ରକୋପ କିଛିଟା ବଢ଼ିଥିଲା। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଝଡ଼ ପବନ ହୋଇଥିଲା। କେବଳ ବର୍ଷା ନୁହେଁ, ପବନର ବେଗ ମଧ୍ୟ ଘଣ୍ଟାପ୍ରତି ୬୦ରୁ ୭୦ କିଲୋମିଟର ରହିଥିଲା। ବିଶେଷ କରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଜପତି ଜିଲ୍ଲାରେ ଜୋରଦାର ପବନ ହୋଇଥିଲା ପ୍ରବଳ ବର୍ଷାକୁ ନେଇ ଦକ୍ଷିଣ ଓଡ଼ିଶାରେ ଫ୍ଲାସ୍ ଫ୍ଲଡ୍ ବା ଆକସ୍ମିକ ବନ୍ୟାର ଆଶଙ୍କା ମଧ୍ୟ ରହିଛି। ତେଣୁ ଓଡ଼ିଶା ପାଇଁ ବିପଦ ଏବେ ବି ଟଳିନାହିଁ। ସ୍ଥଳଭାଗ ଉପରେ ଗତି କରୁଥିବାରୁ ବାତ୍ୟାର ଶକ୍ତି କମିପାରେ, ହେଲେ ଏହା ସାଙ୍ଗରେ ଆଣିଥିବା ପ୍ରଚୁର ଜଳୀୟବାଷ୍ପ ବର୍ଷାର ପ୍ରକୋପ ବଢ଼ାଇପାରେ। ଆଗାମୀ ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ।

ଆନ୍ଧ୍ର ଉପକୂଳକୁ...

କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି କ୍ଷତି ମୂଲ୍ୟାଙ୍କନ ପାଇଁ ଏକ କେନ୍ଦ୍ରୀୟ ଦଳ ପଠାଇବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ ପ୍ରାୟ ୭୦, ୯୦୦ ହେକ୍ଟର ଧାନ ଚାଷ ଓ ୧୦, ୪୫୦ ହେକ୍ଟର ଉଦ୍ୟାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୧୮୦ଟି ଘର କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରୁ ଅଧିକାଂଶ କୋନାସୀମା ଜିଲ୍ଲାରେ ରହିଛି। ପୂର୍ବ ଗୋଦାବରୀ ଜିଲ୍ଲାରେ ଏକାକୀ ୭୦୦ରୁ ଅଧିକ ଗଛ ଉପୁଡ଼ି ଯାଇଛି ଏବଂ ୯୩ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ବିଶାଖାପଟ୍ଟନମ ସହରରେ ଶହ ଶହ ଗଛ ପଡ଼ି ରାସ୍ତା ଅବରୋଧ କରିଛି ଏବଂ ବିଦ୍ୟୁତ ସରବରାହ ବ୍ୟାପକ ଭାବେ ବିଚ୍ଛିନ୍ନ ହୋଇଛି। ବିଶାଖାପଟ୍ଟନମ ବିମାନବନ୍ଦରରେ ୩୮ଟି ଉଡ଼ାଣ ବାତିଲ ହୋଇଛି।

ବାଲଟ୍ ପେପରରେ...

ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ନିଜ ସହର କଲବୁର୍ଗୀ ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱ ପ୍ରତି ପ୍ରଚଣ୍ଡ ଧକ୍କା ସାବ୍ୟସ୍ତ ହୋଇଛି। ଅନ୍ୟପଟେ ଉତ୍ତର ପ୍ରଦେଶରେ ୧୧ଟି ଆସନ ମଧ୍ୟରୁ ବିଜେପି ୪ଟି ଓ ସମାଜବାଦୀ ପାର୍ଟି ୨ଟି ଆସନ ଜିତି ନିଜର ଦବ୍‌ଦବା ବଜାୟ ରଖିଛନ୍ତି। ବିହାରର ୮ଟି ଆସନ ପାଇଁ ଗଣତିରେ ରାଷ୍ଟ୍ରୀୟ ଜନତା ଦଳ, ବିଜେପି, ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦରଭଙ୍ଗାରେ ଜନ ସୁରାଜର ବିଜୟ ସହ କଂଗ୍ରେସର ବରିଷ୍ଠ ନେତା ମଦନ ମୋହନ ଝା ପରାସ୍ତ ହୋଇଛନ୍ତି। ଏହି ଘଟଣାକୁ ନେଇ ମୋଦି କଂଗ୍ରେସକୁ କଟାକ୍ଷ କରିଛନ୍ତି।

ତିନି ଅଧ୍ୟାପକ...

ଏକ ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ତିନି ଜଣ ଅଧ୍ୟାପକଙ୍କୁ ନିଲମ୍ବିତ କରିବା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଫେରିଲା ୬୯.୨୩...

ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ କମନ୍ ଆପ୍ଲିକେସନ୍ ଫର୍ମ (ସିଏଏଫ)ରେ ଉଲ୍ଲେଖ କରିଥିବା ବ୍ୟାଙ୍କ ଖାତା ଯାଞ୍ଚ କରି ଟଙ୍କା ଜମା ହୋଇଛି କି ନାହିଁ, ନିଶ୍ଚିତ ହେବାକୁ ବିଭାଗ ପରାମର୍ଶ ଦେଇଛି।

ଅବତରଣ ବେଳେ...

ଆଶଙ୍କା ଅଧିକ। ଏହି ସମୟରେ ଶରୀରର ଜୈବିକ ଘଣ୍ଟା ସ୍ୱାଭାବିକ ଭାବେ ସତର୍କତାକୁ କମାଇଥାଏ। ବିଶେଷକରି ରାତି ୨ଟାରୁ ସକାଳ ୬ଟା ମଧ୍ୟରେ ମଣିଷର ସତର୍କତାସ୍ତର ସାଧାରଣତଃ ସର୍ବନିମ୍ନ ରହିଥାଏ। ରିପୋର୍ଟ ଅନୁସାରେ ୟୁରୋପର ଦିନବେଳା ଉଡ଼ାଣ ସହ ତୁଳନା କରାଯାଇଛି। ସେଠାରେ ସମାନ ପ୍ରକାର ଆକଳନରେ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୧୬ ଜଣ ପାଇଲଟ୍ ନିଦ୍ରାଳୁ ହୋଇପାରନ୍ତି ବୋଲି କୁହାଯାଇଛି। ଫାଉଣ୍ଡେସନ୍‌ର ପୂର୍ବ ସର୍ବେକ୍ଷଣ ମଧ୍ୟ ପାଇଲଟ୍‌ଙ୍କ କ୍ଲାନ୍ତି ସମସ୍ୟାକୁ ଗୁରୁତ୍ୱ ଦେଇଛି।

ଘଟଣା ବହୁଳ...

ତାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ଥିବାରୁ ଅଧିବେଶନର ଆରମ୍ଭରୁ ହିଁ ଏହି ପ୍ରସଙ୍ଗରେ ଗୃହ ହଲ୍ଲୁସ୍ଥୁଲ ହେବାର ସମ୍ଭାବନା ରହିଛି। ସେହିଭଳି ଏମଏମଡିଆର ପ୍ରସଙ୍ଗରେ ବିଜେଡି ବାରମ୍ବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବି କରୁଥିଲା। ସରକାର ଏହାକୁ ଗ୍ରହଣ କରିନଥିଲେ। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲା। ତେଣୁ ଏମଏମଡିଆର ପ୍ରସଙ୍ଗକୁ ନେଇ ଦୁଇ ବିରୋଧୀ ଦଳ ସରକାରଙ୍କୁ ଘେରିବାକୁ ଯୋଜନା କରୁଛନ୍ତି। ସେପଟେ ସରକାରୀ ଦଳ ବିରୋଧୀଙ୍କୁ କାଉଣ୍ଟର କରିବାକୁ ସଜବାଜ ହେବା ସହ ନିଜର ସଫଳତା ଜୟଗାନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିସହିତ ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ସରକାର ଏହି ଅଧିବେଶନ କାଳରେ କିଛି ନୂଆ ଯୋଜନା ଘୋଷଣା କରିବାକୁ ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି। କାର୍ଯ୍ୟସୂଚୀ ପ୍ରକାଶ ପାଇବା ମାତ୍ରେ ଉଭୟ ବିରୋଧୀ ଓ ସରକାରୀ ଦଳ ନିଜ ନିଜ ସ୍ତରରେ ପ୍ରସଙ୍ଗ ଓ ରଣନୀତି ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ଭିଆଇପି ରୋଡ୍ ହଳଦିରାମ ରେଷ୍ଟୁରାଣ୍ଟ ବନ୍ଦ

କୋଲକାତା, ୨୮।୧୦ (ସଂଚାର ବ୍ୟୁରୋ): ସହରରେ ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ନେଇ କର୍ତ୍ତୃପକ୍ଷ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଭିଆଇପି ରୋଡ୍‌ରେ ଅବସ୍ଥିତ ହଳଦିରାମର ଏକ ରେଷ୍ଟୁରାଣ୍ଟରେ ସ୍ୱଚ୍ଛତା ସମ୍ବନ୍ଧୀୟ ତ୍ରୁଟି ଦେଖାଦେବା ପରେ ଏହାକୁ ବନ୍ଦ କରିଦିଆଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଯାଞ୍ଚ ସମୟରେ ସ୍ୱଚ୍ଛତା କ୍ଷେତ୍ରରେ ଅବହେଳା ଧରାପଡ଼ିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଘଟଣା ଖାଦ୍ୟ ବିକ୍ରୟ କରୁଥିବା ପ୍ରତିଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ମାନଦଣ୍ଡ ବଜାୟ ରଖିବାର ଆବଶ୍ୟକତାକୁ ପୁନର୍ବାର ସ୍ପଷ୍ଟ କରିଛି। ଗ୍ରାହକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଖାଦ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବା ଅତ୍ୟନ୍ତ ଜରୁରୀ।

ନ୍ୟୁ କୋଚବିହାରରେ ଗୁଳିକାଣ୍ଡ

କୋଲକାତା, ୨୮।୧୦ (ସଂଚାର ବ୍ୟୁରୋ): ମଙ୍ଗଳବାର ବିଳମ୍ବିତ ରାତିରେ ନ୍ୟୁ କୋଚବିହାର ଅଞ୍ଚଳରେ ଗୁଳିକାଣ୍ଡ ଘଟିଛି। ମଧ୍ୟରାତ୍ରି ସମୟରେ ଶାରଦାପଲ୍ଲୀ ଅଞ୍ଚଳରେ ଏହି ଘଟଣା ଘଟିଥିଲା, ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆତଙ୍କ ଖେଳିଯାଇଥିଲା। ଖବର ଅନୁଯାୟୀ, ସ୍ଥାନୀୟ ଲୋକମାନେ ପ୍ରଥମେ ଏକ ମୋଟରସାଇକେଲର ଶବ୍ଦ ଶୁଣିବାକୁ ପାଇଥିଲେ ଏବ

ଇତିହାସର ସେହି କଳା ଶୁକ୍ରବାର

ଆଜି ବି ମନରୁ ଲିଭିନି ୧୯୯୯ର କ୍ଷତଚିହ୍ନ

୨୭ବର୍ଷ ପରେ ବି ଅସ୍ତରଙ୍ଗବାସୀଙ୍କ ମନରୁ ଯାଇନି

ସ୍ୱାମୀର ଶବ ମିଳିଲାନି, ପୁଅ-ଝିଅ-ସ୍ୱାମୀକୁ ନେଇଗଲା ପାଣି

କାକଟପୁର/ଅସ୍ତରଙ୍ଗ,୨୮।୧୦ (ସଂଚାର ବ୍ୟୁରୋ): ଅକ୍ଟୋବର ୨୯, ୧୯୯୯ ମସିହା। ସକାଳ ୮ଟା। ଆକାଶ କଳା ପଡି ଆସିଲା। ସୁ ସୁ ହୋଇ ପବନ ବହିଲା, ମୁଷଳ ଧାରା ବର୍ଷା ସହ ଘଡଘଡି। ଘଣ୍ଟା ପ୍ରତି ୩୦୦ କିମି ବେଗରେ ଯେତେବେଳେ ସୁପର ସାଇକ୍ଲୋନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ପିଟି ହେଲା, ଲାଗିଲା ପ୍ରଳୟ ଆସିଛି। ଯୁଆଡେ ଚାହିଁଲେ କୁଢ଼ କୁଢ଼ ଶବ। କାହାର ଶବ ଗଛ ମୂଳରେ, କାହାର ଶବ ପାଣିରେ ଭାସୁଥିଲା। ନ ଅଙ୍କ ଦୁର୍ଭିକ୍ଷ ପରେ ଓଡିଶା ଦେଖିଥିଲା ସବୁଠୁ ବଡ ବିପର୍ଯ୍ୟୟ। ୨୭ ବର୍ଷ ପରେ ଆଜି ବି ସେ ସ୍ମୃତି ଅସ୍ତରଙ୍ଗ ବାସୀଙ୍କ ମନରୁ ଲିଭିନି। ପୁରୀ ଜିଲ୍ଲାର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଅସ୍ତରଙ୍ଗ ବ୍ଲକ।

ସରକାରୀ ହିସାବରେ ଜିଲ୍ଲାରେ ୩୦୧ ଜଣ ମୃତ୍ୟୁ ବରଣ କରିଥିବା ବେଳେ କେବଳ ଅସ୍ତରଙ୍ଗ ବ୍ଲକରେ ୧୬୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ବେସରକାରୀ ହିସାବ ହଜାର ହଜାର ଟପିବ। ସମୁଦ୍ର ପାଣି ୨୦ ଫୁଟ ଉଚ୍ଚରେ ଗାଁ ଭିତରକୁ ପଶି ସବୁ ଭସାଇ ନେଇଥିଲା। ଗଛ ଉପରେ ଲାଗିଥିଲା ମଣିଷ ଶବ, ଧାନ କ୍ଷେତରେ ଭାସୁଥିଲା ଗାଈ ଗୋରୁ। ସେ ଦୃଶ୍ୟ ଦେଖିଥିବା ଆଜି ବି ବୟସ୍କ ଲୋକଙ୍କ ଆଖିରୁ ଲୁହ ଝରେ। ସମୁଦ୍ର କୂଳରେ ଆଜି ବି ଲୋକେ ସେ କଥା କହି କାନ୍ଦନ୍ତି। ନୂଆଗଡ ଗାଁ ମୁଣ୍ଡରେ ଆଜି ବି ପଡିଛି ସେହି ବରଗଛ। ୨୭ ବର୍ଷ ତଳେ ପଡିଥିଲା, କେହି ହଟାଇନାହାଁନ୍ତି। ସ୍ଥାନୀୟ ଲୋକେ କୁହନ୍ତି ଏହା ମହାବାତ୍ୟାର ଜୀବନ୍ତ ସ୍ମାରକୀ।

ସେହି ଗଛ ମୂଳେ ବସିଥିଲେ କମଳା ବିଶ୍ୱାଳ। ବୟସ ୭୦ ପାଖାପାଖି। ଆଖିରେ ଆଜି ବି ସେହି ଦିନର ଲୁହ। କହିଲେ, "ସ୍ୱାମୀ ସମୁଦ୍ରକୁ ମାଛ ଧରି ଯାଇଥିଲେ, ଆଉ ଫେରିଲେନି। ଶବ ବି ମିଳିଲାନି। ସେଦିନର ସୁ ସୁ ଶବ୍ଦ ଆଜି ବି କାନରେ ବାଜୁଛି। ରାତି ହେଲେ ଡର ଲାଗେ। ସରକାର ଭତ୍ତା ଦେଉଛି ହେଲେ ମଣିଷଟା ଫେରିବ କି ?" ତାଙ୍କ କଥାରେ ଥିଲା କୋହ ଓ ଅଭିମାନ। ସେହିପରି ମଧୁପୁର ଗାଁର କଳ୍ପନା ବେହେରା। ତାଙ୍କ କାହାଣୀ ଶୁଣିଲେ ହୃଦୟ ଥରି ଉଠିବ। ଆଖି ଆଗରେ ଗୋଟିଏ ଡଙ୍ଗାରେ ସ୍ୱାମୀ, ପୁଅ, ଝିଅ, ଶାଶୁ, ଶ୍ୱଶୁର ଙ୍କୁ ପାଣି ନେଇଗଲା। ସେ ଏକା ଗୋଟିଏ ବଞ୍ଚିଗଲେ। ୨୭ ବର୍ଷ ହେଲା ଏକା ଜୀବନ ବିତାଉଛନ୍ତି। କୁହନ୍ତି, "ରାତିରେ ପବନ ହେଲେ ନିଦ ଭାଙ୍ଗିଯାଏ। ଲାଗେ ପୁଣି ସେହି ପ୍ରଳୟ ଆସିବ। ସବୁ ହରାଇଲି, ଏବେ ଏକା। ଭଗବାନ ମୋତେ କାହିଁକି ବଞ୍ଚାଇଲେ ?" ଏମିତିକି ଡଙ୍ଗାହାର, ସହନ, ବାଲିଡିଆ, ନଗର ଗାଁରେ ଶହ ଶହ ଲୋକ ମରିଥିଲେ। ଆଜି ବି ସେ ଗାଁରେ ବାଦଲ ଦେଖିଲେ ଛାତି ଧଡଧଡ ହୁଏ। ପିଲାମାନେ ବି ସେ କାହାଣୀ ଶୁଣି ଡରନ୍ତି।

ସବୁ ବଦଳିଲା, ହେଲେ ଗୋଟିଏ ଜାଗାରେ ଆଜି ବି ଅସ୍ତରଙ୍ଗ ପଛରେ। ପକ୍କା ଘର। ଆଜି ବି ଶତାଧିକ ପରିବାର ମାଟି ଓ ଛପର ଘରେ ଜୀବନ ବିତାଉଛନ୍ତି। ପ୍ରତି ବାତ୍ୟାରେ ସେମାନେ ବାତ୍ୟା ଆଶ୍ରୟସ୍ଥଳୀକୁ ଦୌଡନ୍ତି। ଅସ୍ତରଙ୍ଗରେ ଆଜି ବି ଆକାଶରେ ବାଦଲ ଦେଖିଲେ ଛାତି ଧଡଧଡ ହୁଏ। କାରଣ ୧୯୯୯ ର ସେହି କରାଳ ରୂପକୁ ସେମାନେ ଭୁଲି ପାରିନାହାଁନ୍ତି। ଆଜି ବି ମନରୁ ଲିଭିନି ସେ ସ୍ମୃତି।

ମହାଦେବ ସେନା ପକ୍ଷରୁ ମା' ମହାଲକ୍ଷ୍ମୀଙ୍କ ପୂଜା ଓ ବିସର୍ଜନ ସମ୍ପନ୍ନ

ଯାଜପୁର ରୋଡ଼, ୨୮।୧୦(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଉମାରାଣୀ ମଣ୍ଡପରେ ମହାଦେବ ସେନା ପକ୍ଷରୁ ୫ମ ବର୍ଷ ମା' ମହାଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇ ଆଜି ବିସର୍ଜନ ଉତ୍ସବ ସହ ଶେଷ ହୋଇଛି।

ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଦେବୀ ମା' ମହାଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ମଣ୍ଡପରେ ଆକର୍ଷଣୀୟ ମେଢ଼ ନିର୍ମାଣ, ରଙ୍ଗବେରଙ୍ଗ ଆଲୋକମାଳା ଓ ମା'ଙ୍କ ମନୋହର ମୂର୍ତ୍ତି ସ୍ଥାପନ କରାଯାଇଥିଲା। ପୂଜା ଦିନମାନଙ୍କରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା, ଦୀପ ଧୂପ ଓ ଭୋଗ ଅର୍ପଣ କରାଯାଇ ଭକ୍ତମାନେ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ପରେ ଆଜି ଭକ୍ତିପୂର୍ଣ୍ଣ ପରିବେଶରେ ବାଜା ରୋଷଣୀ ସହ ମା'ଙ୍କ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ଉତ୍ସବରେ କର୍ତ୍ତା ଭାବେ ମଥୁରୀ ସାହୁ ଓ କର୍ତ୍ତା ଭାବେ ତାଙ୍କ ପତ୍ନୀ ଶ୍ରୀମତୀ ବିନୋଜା ସାହୁ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ବ୍ରାହ୍ମଣ ପଣ୍ଡିତ ଅଜିତ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ।

ଗଡ଼ିଲା ଟିପିଡବ୍ଲ୍ୟୁଓଡିଏଲର 'ସୋଲାର ରଥ'

ସୁନ୍ଦରଗଡ଼, ୨୮।୧୦ (ସଂଚାର ବ୍ୟୁରୋ): ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ରୁଫ୍‌ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟାଟା ପାୱାରା ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇ ଯାଇଅଛି ।

ବୁଧବାର ସୁନ୍ଦରଗଡ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆଇଏଏସ୍, ଏହି ସୋଲାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରଞ୍ଜନ ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ସୁନ୍ଦରଗଡ ଏବଂ ଟିପିଡବ୍ଲ୍ୟୁଓଡିଏଲ୍ ର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ପ୍ରଥମେ ସମ୍ବଲପୁରରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ସୋଲାର ରଥର ଶୁଭ ଉଦ୍‌ଘାଟନ କରାଯାଇଥିଲା। ପରେ ପରେ ବରଗଡ଼, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ନୂଆପଡ଼ା ଜିଲ୍ଲାରେ ଏହି ସୋଲାର ରଥ ଗଡିଥିଲା । ଏହାଦ୍ୱାରା ପଶ୍ଚିମ ଓଡ଼ିଶାର ଅଧିକ ଅଞ୍ଚଳରେ ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ସୂଚନା ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ।

ବାତ୍ୟା ପାଇଁ ବ୍ଲକ ପ୍ରଶାସନର ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

୩୧ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ

ଶହେରୁ ଉର୍ଦ୍ଧ୍ୱ ଗର୍ଭବତୀ ସ୍ଥାନାନ୍ତର

ବୋରିଗୁମ୍ଭା,୨୮।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲା ବୋରିଗୁମ୍ଭା ବ୍ଲକ ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ମୁକାବିଲା, ଜନସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ବୋରିଗୁମ୍ଭା ତହସିଲଦାର ଶୋଭନ କୁମାର ବେହେରା କହିଛନ୍ତି ଯେ ବ୍ଲକ, ତହସିଲ, ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିଛି | ନଦୀବନ୍ଧ ଓ ଜଳସ୍ତର ଉପରେ ନିରନ୍ତର ନଜର ରଖିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଅଗ୍ନିଶମ ଦଳ ଓ ଆବଶ୍ୟକ ଯନ୍ତ୍ରପାତି ଆବଶ୍ୟକ ବ୍ୟବସ୍ଥା ସହ ପ୍ରସ୍ତୁତ ରଖାଯାଇଛି।

ବାତ୍ୟା ଆଶ୍ରୟସ୍ଥଳୀ ଓ ସମ୍ବେଦନଶୀଳ ଅଞ୍ଚଳ ଉପରେ ପ୍ରଶାସନର ସ୍ୱତନ୍ତ୍ର ନଜର ରହିଛି| ଏଥିରେ ବିଦ୍ୟୁତ୍ ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା, ପାନୀୟଜଳ ଓ ପରିମଳ ବ୍ୟବସ୍ଥା ରହିଛି । ବିଡ଼ିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଶୋଭନ କୁମାର ବେହେରା ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ୩୧ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ କରି ପ୍ରସ୍ତୁତ ରଖାଯାଇଥିବା ବେଳେ କିଛି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ କରାଯାଇଛି। ଜଳ ନିଷ୍କାସନ ଓ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ବିଭିନ୍ନ ସ୍ଥାନରେ ସଫେଇ ଓ ଅବରୋଧ ହଟାଇବା କାର୍ଯ୍ୟ କରାଯାଇଛି। ଜରୁରୀକାଳୀନ ସାମଗ୍ରୀ ଭାବେ ଚୂଡ଼ା, ଗୁଡ, ଓ ପଲିଥିନ ମହଜୁଦ ରଖାଯାଇଥିବା ପ୍ରକାଶ କରିଛନ୍ତି।

ସେହିପରି ଅର୍ଣ୍ଣବ ବାତ୍ୟାର ମୁକାବିଲା ପାଇଁ ବୋରିଗୁମ୍ଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ୟାପକ ପ୍ରସ୍ତୁତି ଓ ସଜାଗ ରହିଥିବା ଏବଂ କିଭଳି ବାତ୍ୟାକୁ ମୁକାବିଲା କରିବା ଏବଂ ଜିରୋ କାଜୁଆଲିଟି ହୋଇ ପାରିବ ତାକୁ ଦୃଷ୍ଟି ରେ ରଖି ଆଗୁଆ ପଦକ୍ଷେପ ଗ୍ରହଣ କରିଛି ବୋରିଗୁମ୍ଭା ସ୍ୱାସ୍ଥ୍ୟ ପ୍ରଶାସନ। ବୋରିଗୁମ୍ଭା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ଙ୍କୁ ରେସ୍କିୟୁ କରି ବୋରିଗୁମ୍ଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠାର ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ସ୍ଥାନାନ୍ତରିତ କରାଯାଇଥିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ସେବା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ସ୍ତ୍ରୀପ୍ରସୂତି ବିଶେଷଜ୍ଞ ମାନେ ନିଯୁକ୍ତି ରହିଛନ୍ତି।

ଆଜି ବୋରିଗୁମ୍ଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ଅନୁସୂଚିତ ଜାତି ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଡ଼ା ପମା ଟୁଡୁ ପରିଦର୍ଶନ କରି ଗର୍ଭବତୀ ମହିଳାଙ୍କ ସହ ଆଲୋଚନା କରିଥିଲେ।

ପୌରପରିଷଦ ପକ୍ଷରୁ ଡ୍ରେନ ସଫେଇ କାର୍ଯ୍ୟ ଆରମ୍ଭ

ହିଞ୍ଜିଳିକାଟୁ, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାତର ଦିନରାତି ବର୍ଷା ଫଳରେ ହିଞ୍ଜିଳିକାଟୁ ଅଞ୍ଚଳରେ ଶହ ଶହ ହେକ୍ଟର ଜମି ଜଳମଗ୍ନ ହୋଇ ରହିଛି। ଉପର ଅଞ୍ଚଳ ମୁନିସିପାଲିଟି ହୋଇଥିବାରୁ ଏଠାରେ ପାଣି ଜମେ ନାହିଁ। କେବଳ ଅଳିଆ ଆବର୍ଜନା ପଡ଼ି ଡ୍ରେନ ଗୁଡ଼ିକରେ ମାଟି ଭର୍ତ୍ତି ହୋଇଯାଏ ଯାହା ଫଳରେ ଆବର୍ଜନା ଜମି ରହି ଦୁର୍ଗନ୍ଧ ବାହାରି ମଶା ବଂଶ ବୃଦ୍ଧି କରେ।

ଏଭଳି ସ୍ଥଳରେ ହିଞ୍ଜିଳିକାଟୁ ମୁନିସିପାଲିଟିର କାର୍ଯ୍ୟ ଦେଖିଲେ ଯେ କେହି ବି ତାଜୁବ ହୋଇଯିବେ। ଗତକାଲି ଆରଏମସି ଛକରେ ତରବରିଆ ଭାବେ ନାଳରେ ଅଳିଆ ନିଷ୍କାସନ ଲାଗି ପ୍ଲେଟ କଭର ବାହାର କଲେ ସିନା ବର୍ତ୍ତମାନ ଦିନରାତି ତମାମ ବର୍ଷା ଫଳରେ ଅଳିଆ ଆବର୍ଜନା ଜମି ଥିବାର ଦେଖିବାକୁ ମିଳୁଛି। ଅନ୍ୟପଟେ ଡ୍ରେନ ଖୋଲା ଥିବାରୁ ବ୍ୟବସାୟୀ ମାନେ ନିଜ ବ୍ୟବସାୟ ବି ବନ୍ଦ ରଖିଛନ୍ତି।

ମଦ ଜବତ, ମହିଳାଙ୍କ ନାମରେ ମାମଲା

ନବରଙ୍ଗପୁର,୨୮।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳର କୁରମାକଟ୍ ଗ୍ରାମରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୩୦୦ ଲିଟର ମଦ ପୋଚ ଜବତ କରାଯାଇଛି। ଏଥିସହ ଜଣେ ମହିଳାଙ୍କ ନିକଟରୁ ୨୫ ଲିଟର ମଦ ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି। ମଦ ଜବତ ଘଟଣାରେ ସମ୍ପୃକ୍ତ ମହିଳାଙ୍କ ନାମରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

ନବରଙ୍ଗପୁର ଉପ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ଚନ୍ଦ୍ର ଭତରା ଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ହରିଶ୍ ଚନ୍ଦ୍ର ଗଲରି ଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ତଥା ଏସ୍‌ଆଇ ବିନିତା ତିର୍କୀ, ଏସ୍‌ଆଇ ମହେଶ୍ୱର କିଶାନି ଓ ଏଏସ୍‌ଆଇ ଭରତ ମାଝୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ବେଆଇନ ମଦ କାରବାରରୁ ବିରତ ରହି ସୁସ୍ଥ ସମାଜ ଗଠନରେ ସହଯୋଗ କରିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

ଗୋଚ୍ଛାପଡା ଥାନା ପକ୍ଷରୁ ତିରିଶି ଏକର ଗଞ୍ଜେଇ ଚାଷ ନଷ୍ଟ, ଦୁଇ ଗିରଫ

ଫୁଲବାଣୀ, ୨୮।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶରେ ଗୋଚ୍ଛାପଡା ଥାନା ସବ୍‌ଇନ୍ସପେକ୍ଟର ଅନନ୍ତ କୁମାର ପ୍ରଧାନ ଓ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ଅବକାରୀ ବିଭାଗର ମିଳିତ ଭାବରେ ଗୋଚ୍ଛାପଡା ଥାନା ଅଧୀନ ପାଇରାକୁ ପଞ୍ଚାୟତର କାଲିକୁଡା ଓ ଡୁଡୁ ପଙ୍ଗା ଆଞ୍ଚଳର ଜଙ୍ଗଲ ଜମିରେ ବେଆଇନ ଭାବରେ ଲାଗିଥିବା ପ୍ରାୟ ତିରିଶ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଏଥି ସହିତ ଗଞ୍ଜେଇ ଚାଷରେ ସମ୍ପୃକ୍ତ କାଲିକୁଡା ଗାଁର ଶ୍ରୀବତ୍ସ ଦିଗାଲ (୨୩) ଏବଂ ଡୁଡୁ ପଙ୍ଗା ଗାଁର ରୁତା ଠେଲା (୪୫) କୁ ଗିରଫ କରିଛି ପୁଲିସ । ଏହି ଚଢ଼ାଉରେ ପୁଲିସ ବିଭାଗ, ଅବକାରୀ ବିଭାଗ ସହ ବିଭିନ୍ନ ବିଭାଗର ୪୫ ଜଣ ଅଧିକାରୀ ଓ କର୍ମଚାରୀଙ୍କ ସହ ଶ୍ରମିକ ସାମିଲ ଥିଲେ । ଅନ୍ୟପଟେ ଗୋଚ୍ଛା ପଡା ଥାନାରେ ଗଞ୍ଜେଇକୁ ନେଇଁ ଏକ ମାମଲା ରୁଜୁ କରିଥିବା ବେଳେ ୨ ଗଞ୍ଜେଇ ଚାଷୀକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି ।

ସୁନ୍ଦରଗଡ଼ ସଦର ଅଞ୍ଚଳରେ ଅବକାରୀ ବିଭାଗର ଚଢ଼ାଉ

ସୁନ୍ଦରଗଡ଼, ୨୮।୧୦ (ସଂଚାର ବ୍ୟୁରୋ): ଅବକାରୀ ଚୋରା କାରବାର ଉପରେ ଅଙ୍କୁଶ ଲଗାଇବାକୁ ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ଅବକାରୀ ବିଭାଗର ମିଳିତ ଚଢ଼ାଉ। ତସଲାଡିହି, ଚାରପଡ଼ା, ଚକ୍ରାମାଲ ଓ କୁସପଡ଼ା ଅଞ୍ଚଳରେ ଚଢ଼ାଉ କରି ମୋଟ ୬ଟି ମାମଲା ରୁଜୁ କରାଯାଇଛି। ଏଥିମଧ୍ୟରୁ ଗୋଟିଏ ମାମଲା ଅନ୍‌ଗ୍ଲେମଡ୍ ରହିଛି।ଏହି ଘଟଣାରେ କୁସପଡ଼ା ର ଜୟରାମ ଓରାମଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ଓ ୨୧୫ କେଜି ମହୁଲ ଫୁଲ ଜବତ କରିଛି ଅବକାରୀ ବିଭାଗ। ଅନ୍ୟ ୪ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ସର୍ଭ କରାଯାଇଛି। ଅବକାରୀ ବିଭାଗର ଏହି ଚଢ଼ାଉ ଚୋରା ମଦ କାରବାରରେ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି।

ରାଷ୍ଟ୍ରୀୟ ଏକତା ଦିବସ ସମାରୋହ ପାଇଁ କଳାହାଣ୍ଡିରୁ ୪୬ ଜଣିଆ ପ୍ରତିନିଧି ଦଳଙ୍କ ଗୁଜରାଟ ଗସ୍ତ

ଭବାନୀପାଟଣା, ୨୮।୧୦ (ସଂଚାର ବ୍ୟୁରୋ): ଆସନ୍ତା ୩୧ ତାରିଖରେ ଗୁଜୁରାଟର କେଭାଡିଆ (ଏକତା ନଗର) ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ରାଷ୍ଟ୍ରିୟ ଏକତା ଦିବସ ୨୦୨୬ ସମାରୋହରେ ଯୋଗ ଦେବା ପାଇଁ ଗତକାଲି କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳ ଗୁଜୁରାଟ ଗସ୍ତ କରିଛନ୍ତି।

ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଉପସ୍ଥିତ ରହି ପ୍ରତିନିଧି ଦଳଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଯାତ୍ରାର ଶୁଭ ମନାସି ଥିଲେ। 'ନଙ୍କୁଲ ମୁକ୍ତ ଭାରତ'ର ସନ୍ଦେଶ ନେଇ ପ୍ରତିନିଧିଗଣ ଓଡ଼ିଶାର ୧୯ଟି ନଙ୍କୁଲ ପ୍ରଭାବିତ ଅଞ୍ଚଳରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଓ ପ୍ରଗତିକୁ ଜାତୀୟ ସ୍ତରରେ ବାର୍ତ୍ତା ଦେବେ।

ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ପ୍ରତିନିଧି ଦଳଙ୍କ ବସକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିନିଧିଦଳ କେସିଙ୍ଗା ରେଳ ଷ୍ଟେସନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମାବେଶ ହୋଇଥିଲେ ଏବଂ ରାତ୍ର ୩.୦୦ ଘଣ୍ଟା ସମୟରେ ସ୍ୱତନ୍ତ୍ର ଟ୍ରେନରେ ଗୁଜୁରାଟ ଅଭିମୁଖେ ଯାତ୍ରା କରିଥିଲେ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ବ୍ଲକରେ ବର୍ଷା, ପବନ

୭୯୬ ଜଣଙ୍କୁ ସ୍ଥାନାନ୍ତର, ୬ ଶିଶୁ ଜନ୍ମ

ବିଡିଓ ଓ ତହସିଲଦାର ନିଜେ ରାନ୍ଧି ଲୋକଙ୍କୁ ଖୁଆଇଲେ

ଗଂଜାମ, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ବ୍ଲକ ଅଞ୍ଚଳରେ ଦିନତମାମ ବର୍ଷା ହୋଇଥିବା ବେଳେ ସକାଳେ ପବନର ବେଗ ଅଧିକ ରହିଥିଲା। ପବନରେ ବିଭିନ୍ନ

ବାତ୍ୟା ମୁକାବିଲା ନେଇ ଏସଆରସିଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା

ଶୂନ୍ୟ ଜୀବନହାନି ଓ ଫସଲ କ୍ଷୟକ୍ଷତି ରୋକିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ସହ ଫସଲ କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ରାଜ୍ୟପାଳ ବ୍ରଜ ମୋହନ ରାମ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଲୋକଭବନଠାରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରି ରାଜ୍ୟପାଳ ବାତ୍ୟାର ସ୍ଥିତି ଓ ମୁକାବିଲା ପାଇଁ ନିଆଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଏସଆରସି ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ଗଜପତି, ମାଲକାନଗିରି ଓ ରାୟଗଡ଼ା ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ବିଷୟରେ ଶ୍ରୀ ପାଟିଲ ସୂଚନା ଦେଇଥିଲେ। ଯଦିଓ ବାତ୍ୟା ସିଧାସଳଖ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁନାହିଁ, ତଥାପି ପ୍ରବଳ ବର୍ଷା ଓ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ ସତର୍କତା ଅବଲମ୍ବନ କରାଯାଇଛି। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ୍ ଟିମ୍‌ଗୁଡ଼ିକୁ ମୁତୟନ କରାଯାଇଥିବା ସହ ସେମାନଙ୍କୁ ସଜାଗ ରଖାଯାଇଛି। ଏଥିସହ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଥିବା ସମ୍ପର୍କରେ ଏସାରସି ରାଜ୍ୟପାଳଙ୍କୁ ଜଣାଇଥିଲେ।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ଏବଂ ମିଳିତ ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଏକ ଆଦର୍ଶ ରାଜ୍ୟ ଭାବେ ଏହାର ସ୍ୱୀକୃତି ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପରେ ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ସମସ୍ତ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ଓ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ମୁକାବିଲା ସମୟରେ ଲୋକଙ୍କ ଜୀବନ ସୁରକ୍ଷା, ଫସଲର ସୁରକ୍ଷା ଏବଂ ଧନସମ୍ପତ୍ତିର କ୍ଷୟକ୍ଷତିକୁ ହ୍ରାସ କରିବାକୁ ସର୍ବାଧିକ ପ୍ରାଥମିକତା ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଧାଡ଼ି ଦର୍ଶନର ଅଗ୍ରଗତି ସମୀକ୍ଷା କଲେ ଆଇନ ମନ୍ତ୍ରୀ

ପୁରୀ, ୨୮।୧୦ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଇ ପୁରୀ ଶ୍ରୀମନ୍ଦିରରେ ଓବିସିସି ପକ୍ଷରୁ ନିର୍ମାଣାଧୀନ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଅବସରରେ ମନ୍ତ୍ରୀ ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହ ଭିତ୍ତିଭୂମି ଓ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ଗୁଣବତ୍ତା ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେପରି ସୁଗମ, ସୁବ୍ୟବସ୍ଥିତ ଓ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି।

ସୀମାନ୍ତ ଅଞ୍ଚଳର ବାସ୍ତବ ସ୍ଥିତି, ଲୋକଙ୍କ ସମସ୍ୟା ଓ ଆନ୍ଧ୍ରପ୍ରଦେଶର ନିର୍ବାଚନ ସମ୍ପର୍କିତ କାର୍ଯ୍ୟକଳାପ ନେଇ ଟିମ୍ ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଛି। ଏହାରି ମଧ୍ୟରେ ଆନ୍ଧ୍ର ପକ୍ଷରୁ ନିର୍ବାଚନ ତାରିଖ ଘୁଞ୍ଚାଇବା ଘଟଣା କୋଟିଆକୁ ନେଇ ବିବାଦକୁ ଆହୁରି ଚର୍ଚ୍ଚାକୁ ଆଣିଛି।

ଏହାରି ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ପହଞ୍ଚିଛି ବିବାଦ। ଏଥିରେ ହସ୍ତକ୍ଷେପ କରିଛି ରାଷ୍ଟ୍ରପତିଙ୍କ ସଚିବାଳୟ। ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଆବେଦନକୁ ଗ୍ରହଣ କରି କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ରିପୋର୍ଟ ମାଗିଛନ୍ତି ସେକ୍ରେଟାରି କୁଳଚନ୍ଦ୍ର କୁମାର। କୋଟିଆ ଅଞ୍ଚଳର ଭିତ୍ତିଭୂମି ସମସ୍ୟା ଓ ସୀମା ବିବାଦ ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୋରାପୁଟରେ ତୁହାକୁ ତୁହା ବର୍ଷା

ସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

କୋରାପୁଟ, ୨୮।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୬ ଘଣ୍ଟା ୩୦ ମିନିଟର ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କଲା ଅର୍ଣ୍ଣବ। ରାତି ୨ରୁ ସକାଳ ୮ଟା ୩୦ ଯାଏ ଚାଲିଥିଲା ଲ୍ୟାଣ୍ଡଫଲ୍। ବୁଧବାର ସନ୍ଧ୍ୟାରେ ମାଲକାନଗିରି ଅତିକ୍ରମ କରିଛି ଅର୍ଣ୍ଣବ। ତେବେ ମାଲକାନଗିରି ଅତିକ୍ରମ କରିବା ବେଳେ ଏହା ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଅର୍ଣ୍ଣବ ପ୍ରଭାବରେ ଏବେବି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି। ଗଞ୍ଜାମ, ଗଜପତି ଜିଲ୍ଲାର ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ଏହାକୁ ସଫା କରାଯାଉଛି।

ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଓ ପବନ ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। କନ୍ଧମାଳ, ବଲାଙ୍ଗିର, ନୂଆପଡ଼ା, ସୋନପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି, ନୟାଗଡ଼, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ସର୍ବାଧିକ ୧୫୦ କିଲୋମିଟର ଥିଲା। ତେବେ ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। କୋରାପୁଟରେ ପହଞ୍ଚି ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ଓ ସ୍ଥିତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଏହାର ଗତିପଥ ପରିବର୍ତ୍ତନ ହୋଇଥିବାରୁ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସହ ହାଲୁକା ପବନ ହେଉଛି। ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କୌଣସି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ସ୍ଥିତି ଉପରେ ନଜର ରଖିଛି ଜିଲ୍ଲା ପ୍ରଶାସନ।

ବାତ୍ୟା ପରବର୍ତ୍ତି ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ): ସୃଷ୍ଟି ହୋଇଥିବା ବାତ୍ୟା ଅର୍ଣ୍ଣବର ଓଡ଼ିଶାରେ ପ୍ରଭାବ ସଂପର୍କିତ ସ୍ଥିତି, ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଏ ସଂପର୍କରେ ଏସଆରସି ରାଜେଶ ପ୍ରଭାକର ପାଟିଲ, ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ଅବଗତ କରାଇଥିଲେ। ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ସଂପର୍କରେ ଏସଆରସିଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

'ଶୂନ୍ୟ ଜୀବନହାନି'କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀଙ୍କ ପ୍ରତ୍ୟକ୍ଷ ସମୀକ୍ଷା ଆଧାରରେ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟ କରାଯାଉଛି। ସବୁ ଜିଲ୍ଲା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଟି ପ୍ରଭାବିତ ଜିଲ୍ଲାରେ ୩୨୪ଟି ସକ୍ରିୟ ଆଶ୍ରୟସ୍ଥଳରେ ୩୧, ୨୫୫ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ମୋଟ ୨, ୦୬୭ଟି ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଚିହ୍ନଟ ହୋଇଥିବା ୪, ୧୩୯ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨, ୨୪୫ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସମୁଦ୍ରରୁ ୧୧, ୯୫୫ ଓ ଚିଲିକାରୁ ୭, ୧୮୮ ଏହିଭଳି ମୋଟ ୧୯, ୧୪୩ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଆଜି ସକାଳ ୮.୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୩.୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୪ଟି ବ୍ଲକ୍ ଏବଂ ୩ଟି ସହରାଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି। ସର୍ବାଧିକ ବର୍ଷା ହୋଇଥିବା ବ୍ଲକ୍ ଗୁଡିକ ହେଲା କୋରାପୁଟର ପଟାଙ୍ଗି (୧୮୮.୦ ମିମି), ଗଜପତିର ମୋହନା (୧୮୨.୪ ମିମି), ଗଞ୍ଜାମ ବ୍ଲକ୍ (୧୬୧.୪ ମିମି), ଛତ୍ରପୁର (୧୫୪.୬ ମିମି) ଏବଂ ସିମିଳିଗୁଡ଼ା (୧୪୩.୧ ମିମି)। ଜିଲ୍ଲାଗୁଡିକରେ ହାରାହାରି ବର୍ଷା ମଧ୍ୟରେ ଗଜପତି (୧୨୧.୨ ମିମି), ଗଞ୍ଜାମ (୮୩.୧ ମିମି), କୋରାପୁଟ (୬୧.୦ ମିମି) ଏବଂ ପୁରୀ (୫୪.୨ ମିମି) ରହିଛି। ରାଜ୍ୟରେ ମୋଟ ୬୨ଟି ଓଡ୍ରାଫ, ୯ଟି ଏନଡିଆରଏଫ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ ହୋଇଛନ୍ତି। ଏଥିସହିତ ୧, ୫୧୦ଟି ପାୱାର ଚେନ୍-ସ', ୨୨୫ଟି ଟୋଇଂ ଟେଣ୍ଡର, ୧୧୦ଟି ଡଙ୍ଗା, ୧୩୫ ଟି ଜଳ ନିଷ୍କାସନ ପମ୍ପ ଓ ୨୨୫ଟି ଟାୱାର ଲାଇଟ୍ ମୁତୟନ ଅଛି।

■ ଧସିଲା ବିଜୁ ସେତୁର ଗାର୍ଡୱାଲ୍

୩ ଗାଁର ଲୋକଙ୍କ ଯାତାୟାତ ପ୍ରଭାବିତ

ମୋହନା, ୨୮।୧୦ (ସଂଚାର ବ୍ୟୁରୋ): ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ, ବୁଧବାର ସକାଳ ୮ଟା ୩୦ ସୁଦ୍ଧା ଗଜପତି ଜିଲ୍ଲାର ମହେନ୍ଦ୍ରଗଡ଼ରେ ସର୍ବାଧିକ ୨୪୯.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏପଟେ ଗଜପତି ଜିଲ୍ଲା ମୋହନା ଅଞ୍ଚଳର ଗୁଡୁରୀଗୁଡ଼ା ବ୍ରିଜ୍‌ର ଗାର୍ଡୱାଲ୍ ନଦୀକୁ ଧସିପଡ଼ିଛି। ଏଥିସହ ବ୍ରିଜ୍‌କୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ମଧ୍ୟ ଧସିଯାଇଛି। ଏହି ଘଟଣା ପରେ ଆଖପାଖର ତିନିଟି ଗାଁର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ମାତ୍ର ତିନିବର୍ଷ ତଳେ ଏହି ବ୍ରିଜ୍‌ଟି ବିଜୁ ସେତୁ ଯୋଜନାରେ ନିର୍ମାଣ କରାଯାଇଥିଲା। ବାତ୍ୟାଜନିତ ବର୍ଷା ଓ ନଦୀରେ ଜଳପ୍ରବାହ ବୃଦ୍ଧି ଯୋଗୁଁ ବ୍ରିଜ୍‌ର ଗାର୍ଡୱାଲ୍ ସହ ସଂଲଗ୍ନ ରାସ୍ତା ଧସିଯାଇଛି।

ବ୍ରିଜ୍‌ଟି ଉପରେ ନିର୍ଭର କରୁଥିବା ତିନିଟି ଗାଁର ଲୋକଙ୍କ ଯାତାୟତ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି କ୍ଷୟକ୍ଷତିର ଆକଳନ କରିବା ସହ ଆବଶ୍ୟକ ମରାମତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି। ସେହିପରି ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ ଲାଇଲାଇ ଗ୍ରାମ ପଞ୍ଚାୟତର କୁମୁଣ୍ଡା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଭୀଷଣ ପବନ ଯୋଗୁଁ ଏକ ବିରାଟ ଗଛ ଭାଙ୍ଗି ତିନୋଟି ଘର ଉପରେ ପଡ଼ିବା ଯୋଗୁଁ ବ୍ୟାପକ କ୍ଷତି ହୋଇଛି।

ଏପଟେ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ଓ ତୁମ୍ବା ମୁଖ୍ୟ ରାସ୍ତାରେ ବିରାଟ ବିରାଟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ପାଖାପାଖି ୨୨ କିଲୋମିଟର ରାସ୍ତା ଭିତରେ ୨୦୦ରୁ ଊର୍ଦ୍ଧ୍ୱ ଗଛ ପଡ଼ିଥିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏନଡିଆରଏଫ ଏବଂ ଓଡ୍ରାଫ ସହ ମନୁ ସେନାର ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଘୋଡ଼ାହାଡ଼ ନଦୀରେ ବନ୍ୟା

ଆସିକା-ଦିଗପହଣ୍ଡି-ପାଟପୁର ଯୋଗାଯୋଗ ବିଚ୍ଛିନ୍ନ

ଦିଗପହଣ୍ଡି ,୨୮।୧୦ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲାର ଘୋଡ଼ାହାଡ଼ ନଦୀରେ ସୃଷ୍ଟି ହୋଇଛି ଗମ୍ଭୀର ବନ୍ୟା ପରିସ୍ଥିତି। ନଦୀର ଉପରମୁଣ୍ଡ ଗଜପତି ଜିଲାରେ ପ୍ରବଳ ବର୍ଷା ଯୋଗୁ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଘୋଡ଼ାହାଡ଼ ନଦୀର ପାଟପୁର-ପଳାଶପୁର ବ୍ରିଜ୍ ଉପରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଆସିକା-ପାଟପୁର-ଦିଗପହଣ୍ଡି ସଂଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ପାଟପୁର ପୋଲିସ ଟିମ୍ ବ୍ରିଜ୍‌ର ଉଭୟ କଡ଼ରେ ଅସ୍ଥାୟୀ ବାରିକେଡ୍ ଲଗାଇ ଗାଡ଼ିମୋଟର ଓ ଜନସାଧାରଣଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ପୁରୁଣା ମଳାଭଞ୍ଜା-ଖୋଲଡିକୁ ସଂଯୋଗ କରୁଥିବା ବ୍ରିଜ୍ ତଳେ ୧୫ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଅସ୍ଥାୟୀ ଆପ୍ରୋଚ୍ ରୋଡ୍ ସମ୍ପୂର୍ଣ୍ଣ ଭାସିଯାଇଛି। ସେହିପରି ଘୁଷୁରୀ ନାଳର ପାଣି ଗାଁ ଭିତରକୁ ପଶିଯିବାରୁ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ମଳାଭଞ୍ଜା ସରପଞ୍ଚ ପ୍ରତିନିଧି ପିଣ୍ଟୁ ସେଠୀ ଏବଂ ଖୋଲଡି ଗ୍ରାମର ସାମାଜିକ କର୍ମୀ ମୁନା ଦୋରାଙ୍କ ସୂଚନା ଅନୁଯାୟୀ, ଗ୍ରାମର ସ୍କୁଲ ଭିତରେ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଛି। ଅନ୍ୟପଟେ, ହରିଣା ଗ୍ରାମ ନିକଟସ୍ଥ ଘୁଷୁରୀ ନାଳ ବ୍ରିଜ୍‌କୁ ସଂଯୋଗ କରୁଥିବା ଖୁଲୁଡ଼ି-ନୂଆଗଡ଼ ରାସ୍ତା ବର୍ଷାଜଳରେ ଧୋଇଯାଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି।

ଧାନ ନଡ଼ା ପରିଚାଳନା ପାଇଁ ୧୮୩ ମାଷ୍ଟର ଟ୍ରେନରଙ୍କୁ ତାଲିମ

କଟକ, ୨୮।୧୦ (ସଂଚାର ବ୍ୟୁରୋ): ଧାନ ନଡ଼ାର ବୈଜ୍ଞାନିକ ପରିଚାଳନା ସହ ଏହାକୁ ଏକ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ଲକ୍ଷ୍ୟରେ ଆଇସିଏଆର୍-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ), କଟକ ବିଦ୍ୟାଧରପୁର ପକ୍ଷରୁ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସହଯୋଗରେ ଓଆଇଆଇପିସିଆର୍‌ଏ ପ୍ରକଳ୍ପ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ୧୮୩ ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ

ଦିଆଯାଇଛି। ଅକ୍ଟୋବର ୫ରୁ ଆରମ୍ଭ ହୋଇଥିବା ଦୁଇଦିନିଆ ତାଲିମ ଶିବିର ନଭେମ୍ବର ୧୨ ପର୍ଯ୍ୟନ୍ତ ମୋଟ ୧୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିମଧ୍ୟରୁ ୭ଟି ପର୍ଯ୍ୟାୟ ଶେଷ ହୋଇଥିବାବେଳେ ୧୪୮ ଜଣ ପୁରୁଷ ଓ ୩୫ ଜଣ ମହିଳା ତାଲିମ ନେଇଛନ୍ତି। ଏଥିରେ କୃଷି ଅଧିକାରୀ, ପାଣି ପଞ୍ଚାୟତର ପ୍ରତିନିଧି, କୃଷକ ପ୍ରତିନିଧି ଓ ସାମାଜିକ କର୍ମୀ ଅଂଶଗ୍ରହଣ କରିଛନ୍ତି। ତାଲିମ ଶିବିରରେ ଧାନ ନଡ଼ାକୁ ଅଣୁଜୀବ ସହାୟତାରେ ଶୀଘ୍ର ଜୈବିକ ଉପାୟରେ ପଚାଇବା, ଏଥିରୁ ଜୈବିକ ଖତ ପ୍ରସ୍ତୁତ କରିବା ଏବଂ ଧାନ ନଡ଼ାରୁ ଜୈବ-ବିଘଟନଶୀଳ ପ୍ଲେଟ୍ ତିଆରି କରିବାର ପ୍ରଣାଳୀ ସମ୍ପର୍କରେ ତାଲିମ ଦିଆଯାଉଛି।

SANCHAR
ସଂଚାର
ଗୁରୁବାର ୨୯ ଅକ୍ଟୋବର ୨୦୨୬
BUSINESS

ଜିଓ ପ୍ଲାଟଫର୍ମସ୍‌ର ଲିଷ୍ଟିଂ

ଜିଓ ପ୍ଲାଟଫର୍ମସ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଆଇପିଓର ଲିଷ୍ଟିଂ ବୁଧବାର ଷ୍ଟକ ମାର୍କେଟରେ ହେବ। ପୂର୍ବାହ୍ନ ୧୦ଟାରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ଏହାକୁ ତାଲିକାଭୁକ୍ତ କରାଯିବ। ତେଣୁ କେତେ ଟଙ୍କାରେ ଏହି କମ୍ପାନିର ସେୟାର ତାଲିକାଭୁକ୍ତ ହେବ ତାହା ଉପରେ ନିବେଶକମାନଙ୍କ ନଜର ରହିଛି। ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ନିବେଶକମାନଙ୍କ ପାଇଁ ୩୦୨୧୩ କୋଟି ଟଙ୍କା ମୂଲ୍ୟର ଏହି ଆଇପିଓ ପାଇଁ ଆବେଦନ ଖୋଲାଯାଇଥିଲା। ଆବେଦନ ସମୟରେ ଆଇପିଓ କ୍ଷେତ୍ରରେ ଜିଓ ଅନେକ ରେକର୍ଡ କରିଛି। ୨୬ ତାରିଖରେ ନିବେଶକମାନଙ୍କୁ ସେୟାର ଆବଣ୍ଟନ କରାଯାଇଛି।

ବଜାରରେ ଜିଓ ପ୍ଲାଟଫର୍ମସ୍‌ର ପ୍ରବେଶ ପରେ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହଗୁଡ଼ିକର ତାଲିକା ବଦଳିଯାଇଛି। ଜିଓର ତାଲିକାଭୁକ୍ତ ହେବା ପରେ ରିଲାଏନ୍ସ ସମୂହ ଟାଟା ସମୂହକୁ ପଛରେ ପକାଇ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହ ହୋଇଛି। ବୁଧବାର ଜିଓର ସେୟାର ପ୍ରତିଟି ୧,୩୫୮ ଟଙ୍କା ମୂଲ୍ୟରେ ତାଲିକାଭୁକ୍ତ ହୋଇଥିଲା। ଏହା ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ୨୮.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ତାଲିକାରେ ୨୫.୬ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ସହ ଟାଟା ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ ରହିଛି। ଜିଓର ସେୟାର ଇସ୍ୟୁ ମୂଲ୍ୟ ୧,୧୧୯ ଟଙ୍କା ଥିବାବେଳେ ଏହା ୧,୩୫୮ ଟଙ୍କାରେ ତାଲିକାଭୁକ୍ତ ହୋଇଛି। ଅର୍ଥାତ୍ ଇସ୍ୟୁ ମୂଲ୍ୟଠାରୁ ୨୧.୪ ପ୍ରତିଶତ ଅଧିକ ମୂଲ୍ୟରେ ଏହାର କାରବାର ଆରମ୍ଭ ହୋଇଛି। ଏହି ମୂଲ୍ୟ ଅନୁସାରେ ଜିଓର ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କା ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଜିଓ ପ୍ଲାଟଫର୍ମସ୍‌ର ମିଳିତ ବଜାର ପୁଞ୍ଜି ପ୍ରାୟ ୨୮.୬ ଲକ୍ଷ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ, ଜିଓର ମୋଟ ସେୟାରଧାରୀଙ୍କ ସଂଖ୍ୟା ୭୯.୮ ଲକ୍ଷ ରହିଛି, ଯାହା ଦେଶରେ ସର୍ବାଧିକ ବୋଲି କୁହାଯାଇଛି।

● ମାର୍କେଟ୍ କ୍ୟାପ୍ ୧୨.୫ ଲକ୍ଷ କୋଟି ଟଙ୍କା

ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ଜିଓର ତାଲିକାଭୁକ୍ତ ହେବା ଅବସରରେ ଘଣ୍ଟି ବଜାଇବାର ପାରମ୍ପରିକ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ। ତାଲିକାଭୁକ୍ତ ହେବା ପୂର୍ବରୁ ଆକାଶ, ଈଶା ଓ ଅନନ୍ତ ଅମ୍ବାନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଥିଲେ, ଆଜିର ତାଲିକାଭୁକ୍ତ ହେବା ଆମର ଲକ୍ଷ୍ୟର ଶେଷ ନୁହେଁ, ବରଂ ଏକ ନୂଆ ଆରମ୍ଭ। ଆମେ ଖୋଲାଖୋଲି ଆଲୋଚନା କରିବୁ, ନିଜ ପ୍ରତିଶ୍ରୁତି ପାଳନ କରିବୁ ଏବଂ କାମ ମାଧ୍ୟମରେ ଆପଣଙ୍କ ବିଶ୍ୱାସ ଜିତିବୁ। ଏହି ତାଲିକାଭୁକ୍ତ ହେବା ପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଜିଓ ପ୍ଲାଟଫର୍ମସ୍ ଦେଶର ସବୁଠୁ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନି ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଦୁଇ କମ୍ପାନିର ମିଳିତ ବଜାର ପୁଞ୍ଜି ଟାଟା ସମୂହର ସମସ୍ତ ତାଲିକାଭୁକ୍ତ କମ୍ପାନିର ମୋଟ ବଜାର ପୁଞ୍ଜିଠାରୁ ୩.୧ ଲକ୍ଷ କୋଟି ଟଙ୍କା ଅଧିକ। ତେଣୁ ଜିଓର ଏହି ପ୍ରବେଶ ଦେଶର ବଡ଼ ବ୍ୟବସାୟିକ ସମୂହଗୁଡ଼ିକର ସ୍ଥାନକୁ ବଦଳାଇ ଦେଇଛି। ଏଠାରେ ବ୍ୟବସାୟିକ ସମୂହଗୁଡ଼ିକର ତୁଳନା ସେମାନଙ୍କର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଧାରରେ କରାଯାଇଛି। ରିଲାଏନ୍ସ ସମୂହର ବଜାର ପୁଞ୍ଜି ହିସାବ କରିବାବେଳେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍‌କୁ ସାମିଲ କରାଯାଇନାହିଁ।

ରିଲାଏନ୍ସ ହେଲା ଦେଶର ଏକ ନମ୍ବର ବ୍ୟବସାୟିକ ସମୂହ

● ଜିଓ ଆଇପିଓରୁ କାହାକୁ କେତେ ଲାଭ ?

ନୂଆଦିଲ୍ଲୀ, ୨୮।୧୦: ସେୟାର ବଜାରରେ ଜିଓର ଜବରଦସ୍ତ ଲିଷ୍ଟିଂ ହୋଇଛି । ବର୍ତ୍ତମାନ କମ୍ପାନୀର ସେୟାର ୧,୩୫୦ ଟଙ୍କାରୁ ଅଧିକ ମୂଲ୍ୟରେ କାରବାର କରୁଛି । ଏହି ଆଇପିଓ ଏବଂ ଲିଷ୍ଟିଂରୁ କାହାକୁ କେତେ ଲାଭ ମିଳିଛି, ତାହାକୁ ନେଇ ବର୍ତ୍ତମାନ ବଡ଼ ଚର୍ଚ୍ଚା ଚାଲିଛି । ଏହି ଆଇପିଓ ଆଣିବା ପାଇଁ ମୋଟ୍ ୧୯ ଜଣ ଲିଡ୍ ମ୍ୟାନେଜରଙ୍କୁ ନିୟୋଜିତ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ଏହି ୧୯ଟି ବ୍ୟାଙ୍କକୁ ପ୍ରାୟ ୨୦୦ କୋଟି ଟଙ୍କାର ଫିସ୍ ଦିଆଯାଇଛି । ଅନ୍ୟପକ୍ଷରେ, ଲିଷ୍ଟିଂ ପୂର୍ବରୁ ଆଙ୍କର ନିବେଶକମାନେ ଜିଓର ଡିଜୋରିରେ ୮,୧୦୦ କୋଟିରୁ ଅଧିକ ଟଙ୍କା ଜମା କରିଥିଲେ, ଯାହା କମ୍ପାନୀ ପାଇଁ ଏକ ବଡ଼ ସଫଳତା ଥିଲା । ଲିଷ୍ଟିଂ ପରେ କମ୍ପାନୀର ଭାଲ୍ୟୁଏସନ୍ ୨.୩୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି, ଯାହାଫଳରେ ଜିଓ ପ୍ଲାଟଫର୍ମସ୍ ଦେଶର ଦ୍ୱିତୀୟ ସର୍ବାଧିକ ଭାଲ୍ୟୁଏଡ୍ କମ୍ପାନୀ ହୋଇପାରିଛି। ଏହାସହିତ ସାଧାରଣ ନିବେଶକମାନେ ମଧ୍ୟ ଏହି ଇସ୍ୟୁରୁ ୨୧ ପ୍ରତିଶତରୁ ଅଧିକ ଲାଭ ପାଇଛନ୍ତି । ଲିଷ୍ଟିଂ ପୂର୍ବରୁ ଜିଓ ପ୍ଲାଟଫର୍ମସ୍ ଆଙ୍କର ନିବେଶକମାନଙ୍କଠାରୁ ୮,୧୧୦ କୋଟି ଟଙ୍କା ସଂଗ୍ରହ କରିଥିଲା, ଯାହାର ସମସ୍ତ ପାଣ୍ଠି ସିଧାସଳଖ ଜିଓ ପାଖକୁ ଯାଇଛି । ଏହି ଟଙ୍କାକୁ କମ୍ପାନୀ ଋଣ ପରିଶୋଧ ଏବଂ ନୂତନ ପ୍ରକଳ୍ପ ଆରମ୍ଭ କରିବାରେ ବ୍ୟବହାର କରିବ । ବିଶେଷଜ୍ଞଙ୍କ ମତରେ, ଜିଓର ଏହି ଆଇପିଓ ସମ୍ପୂର୍ଣ୍ଣ ଭାବରେ ଏକ 'ଫ୍ରେସ୍ ଇସ୍ୟୁ' ଥିଲା ।

● ଲିଡ୍ ମ୍ୟାନେଜରମାନେ କେତେ ପାଇଲେ ?

ଜିଓ ଆଇପିଓ ଆଣିବା ପାଇଁ ୧୯ଟି ବ୍ୟାଙ୍କକୁ ଲିଡ୍ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଥିଲା । ଡ୍ରାଫ୍ଟ ରେଡ୍ ହେରିଙ୍ଗ ପ୍ରସ୍ପେକ୍ଟସ ଅନୁଯାୟୀ, ବୁକ୍ ରନିଂ ଲିଡ୍ ମ୍ୟାନେଜର୍ସ ମଧ୍ୟରେ କୋଟକ ମହିନ୍ଦ୍ରା କ୍ୟାପିଟାଲ, ମର୍ଗନ୍ ଷ୍ଟାନଲି, ବୋଫା ସିକ୍ୟୁରିଟିଜ୍, ଏକ୍ସିସ କ୍ୟାପିଟାଲ, ବିଏନ୍‌ପି ପାରିବା, ସିଟିଗ୍ରୁପ୍, ସିଏଲଏସଏ, ଡାମ୍ କ୍ୟାପିଟାଲ, ଗୋଲ୍ଡମ୍ୟାନ୍ ସାକ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏଚଏସବିସି, ଆଇସିଆଇସିଆଇ ସିକ୍ୟୁରିଟିଜ୍, ଆଇଆଇଏଫଏଲ୍ କ୍ୟାପିଟାଲ, ଜେଫ୍ରିଜ୍, ଜେଏମ୍ ଫାଇନାନ୍ସିଆଲ୍, ଜେ.ପି. ମର୍ଗନ୍, ଏସବିଆଇ କ୍ୟାପିଟାଲ ଏବଂ ୩୬୦ ୱାମ୍ ସାମିଲ ଥିଲେ । ସୂଚନା ଅନୁଯାୟୀ, ଏହି ଲିଡ୍ ମ୍ୟାନେଜରମାନଙ୍କର ଫିସ୍ ମୋଟ ଇସ୍ୟୁ ମୂଲ୍ୟର ୦.୬୫ ପ୍ରତିଶତ ରଖାଯାଇଥିଲା । ବାର୍ ଆଣ୍ଡ ବେଞ୍ଚର ରିପୋର୍ଟ ଅନୁଯାୟୀ, ଜିଓ ଆଇପିଓର ମୋଟ୍ ଆକାର ୩୦,୧୮୭ କୋଟି ଟଙ୍କା ଥିଲା । ଏହି ହିସାବରେ ୦.୬୫ ପ୍ରତିଶତ ଅନୁଯାୟୀ ଲିଡ୍ ମ୍ୟାନେଜରଙ୍କ ଫିସ୍ ୧୯୬.୨ କୋଟି ଟଙ୍କା ହୋଇଛି ।

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୯୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୯୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୯୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୯୫୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୧୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୯୫୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୨୦,୦୦୦ ଟଙ୍କା ହୋଇଛି ।

● ଚନ୍ଦ୍ରଶେଖରନଙ୍କ ଚେୟାରକୁ ଚ୍ୟାଲେଞ୍ଜ !

ଟାଟା ସନ୍ସକୁ ନୋଏଲ ଟାଟାଙ୍କ ଚିଠି

ନୂଆଦିଲ୍ଲୀ, ୨୮।୧୦: ଟାଟା ଟ୍ରଷ୍ଟର ଚେୟାରମ୍ୟାନ୍ ନୋଏଲ ଟାଟା ଟାଟା ସନ୍ସର ଏକଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଏନ. ଚନ୍ଦ୍ରଶେଖରନଙ୍କୁ ମିଳିଥିବା ଦ୍ୱିତୀୟ ୫ ବର୍ଷର କାର୍ଯ୍ୟକାଳ ବୃଦ୍ଧିକୁ ଚ୍ୟାଲେଞ୍ଜ କରିଛନ୍ତି । ସେ ନିୟମର ଅଣଦେଖା, ଭୋଟିଂ ନିୟମର ଉଲ୍ଲଂଘନ ଏବଂ କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି । 'ଦ ଇକୋନମିକ୍ ଟାଇମ୍ସ'ର ରିପୋର୍ଟ ଅନୁଯାୟୀ, ନୋଏଲ ଟାଟା ଟାଟା ସନ୍ସର କମ୍ପାନୀ ସେକ୍ରେଟାରୀଙ୍କୁ ଚିଠି ଲେଖି ସେପ୍ଟେମ୍ବର ୧୭ ତାରିଖର ବୋର୍ଡ ବୈଠକର ସମସ୍ତ ତଥ୍ୟ ମାଗିଛନ୍ତି । ଏଥିରେ ଅଡିଓ ଏବଂ ଭିଡିଓ ରେକର୍ଡିଂ, ଭୋଟିଂ ରେକର୍ଡ ଏବଂ କମ୍ପାନୀ ରେଜିଷ୍ଟ୍ରାରଙ୍କ ପାଖରେ ଦାଖଲ ହୋଇଥିବା ସମସ୍ତ ଦସ୍ତାବିଜ୍ ମାଗାଯାଇଛି। ନୋଏଲ ଟାଟା ଟାଟା ସନ୍ସର କମ୍ପାନୀ ସେକ୍ରେଟାରୀ ସୁପ୍ରକାଶ ମୁଖୋପାଧ୍ୟାୟଙ୍କୁ ଅକ୍ଟୋବର ୨୬ ତାରିଖରେ ଏକ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ସେପ୍ଟେମ୍ବର ୧୭ରେ ଅନୁଷ୍ଠିତ ଟାଟା ସନ୍ସ ବୋର୍ଡ ବୈଠକର ସେହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି, ଯେଉଁଥିରେ ଏନ. ଚନ୍ଦ୍ରଶେଖରନଙ୍କୁ ପୁଣିଥରେ ୫ ବର୍ଷ ପାଇଁ ଏକଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରାଯାଇଥିଲା । ନୋଏଲ ଟାଟାଙ୍କ ବିରୋଧ ସତ୍ତ୍ୱେ କମ୍ପାନୀ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ (MCA) ନିକଟରେ ଫାଇଲିଂ ଦାଖଲ କରି ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତିକୁ ନିଶ୍ଚିତ କରିଦେଇଥିଲା । ବୋର୍ଡର ଜଣେ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ଏପରି ଫାଇଲିଂ କରାଯାଇଥିବାରୁ ନୋଏଲ ଟାଟା ପୁଣିଥରେ ଏହାର ପ୍ରତିବାଦ କରିଛନ୍ତି । ସେପ୍ଟେମ୍ବର ମାସରେ ପାରିତ ପ୍ରସ୍ତାବ ଅନୁଯାୟୀ, ଏନ. ଚନ୍ଦ୍ରଶେଖରନଙ୍କୁ ୨୦୨୭ ଫେବୃଆରୀ ୨୧ ଠାରୁ ପରବର୍ତ୍ତୀ ୫ ବର୍ଷ ପାଇଁ ଟାଟା ସନ୍ସର ଏକଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଭାବେ ପୁନଃନିଯୁକ୍ତ କରାଯାଇଛି ।



କାଙ୍କୁରଗାଛିରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍‌ର ଉଦ୍‌ଘାଟନ କଲେ ସାରା

କୋଲକାତା, ୨୮।୧୦(ସଂଚାର ବ୍ୟୁରୋ): ଭାରତର ଅନ୍ୟତମ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ 'କଲ୍ୟାଣ ଜୁଏଲର୍ସ', କୋଲକାତାର କାଙ୍କୁରଗାଛି ଠାରେ ଏକ ବିଶାଳ ନୂତନ ଶୋ'ରୁମ୍ ଖୋଲି ନିଜର ଖୁଚୁରା ବ୍ୟବସାୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ ଏହି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉକ୍ତ ଅଞ୍ଚଳରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା। ଏହି ଶୋ'ରୁମ୍‌ରେ କଲ୍ୟାଣ ଜୁଏଲର୍ସର ଅତ୍ୟନ୍ତ ଆକର୍ଷଣୀୟ ଡିଜାଇନ୍‌ଗୁଡ଼ିକର ବିଶାଳ ସମାହାର ରହିଛି, ଯେଉଁଥିରେ 'ମୁହୂରତ୍' (ବିବାହ ଅଳଙ୍କାର), 'ମୁଦ୍ରା' (ହାତରେ ତିଆରି ପ୍ରାଚୀନ ଶୈଳୀର ଅଳଙ୍କାର), 'ନିମା' (ମନ୍ଦିର ଶୈଳୀର ଅଳଙ୍କାର) ଭଳି ଲୋକପ୍ରିୟ ବ୍ରାଣ୍ଡଗୁଡ଼ିକ ଅନ୍ତର୍ଭୁକ୍ତ। ଏହାର ଚମତ୍କାର ପରିବେଶ ଏବଂ କଲ୍ୟାଣ ଜୁଏଲର୍ସର ବିଭିନ୍ନ ସ୍ୱତନ୍ତ୍ର ଅଳଙ୍କାର ସଂଗ୍ରହ ସହିତ, ଏହି ନୂତନ ଶୋ'ରୁମ୍ ଗ୍ରାହକମାନଙ୍କୁ ଏକ ଅନନ୍ୟ କ୍ରୟ ଅନୁଭୂତି ପ୍ରଦାନ କରିବ। ଏହି ବିଶେଷ ଅବସରରେ ଉପସ୍ଥିତ ଉତ୍ସାହୀ ଜନତାଙ୍କୁ ଉଦ୍‌ବୋଧନ ଦେଇ ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ କହିଥିଲେ, କୋଲକାତାର କାଙ୍କୁରଗାଛି ଠାରେ କଲ୍ୟାଣ ଜୁଏଲର୍ସର ଏହି ବିଶାଳ ନୂତନ ଶୋ'ରୁମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଁ ବହୁତ ଖୁସି। ନିକଟରେ କଲ୍ୟାଣ ଜୁଏଲର୍ସ ପରିବାର ସହ 'ବ୍ରାଣ୍ଡ୍ ଆମ୍ବାସାଡର' ଭାବରେ ଯୋଡ଼ି ହୋଇଥିବାରୁ, ଏହି ମୁହୂର୍ତ୍ତଟି ମୋ ପାଇଁ ଅଧିକ ସ୍ୱତନ୍ତ୍ର ଅଟେ। କଲ୍ୟାଣ ଜୁଏଲର୍ସ ଏହାର ଗୁଣବତ୍ତା, ସ୍ୱଚ୍ଛତା ଏବଂ ଉତ୍କୃଷ୍ଟ କାରିଗରୀ ପାଇଁ ସୁପରିଚିତ। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟର ଅଂଶ ହୋଇପାରିଥିବାରୁ ମୁଁ ବେଶ୍ ଉତ୍ସାହିତ। ମୋର ଦୃଢ଼ ବିଶ୍ୱାସ ଯେ, କୋଲକାତାର ଗ୍ରାହକମାନେ ଏହି ବ୍ରାଣ୍ଡର ସୁନ୍ଦର ସଂଗ୍ରହ ଏବଂ ବିଶ୍ୱସ୍ତରୀୟ ସେବାକୁ ନିଶ୍ଚିତ ଭାବରେ ପସନ୍ଦ କରିବେ। ନୂତନ ଶୋ'ରୁମ୍‌ର ଉଦ୍‌ଘାଟନ ଅବସରରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି, କଲ୍ୟାଣ ଜୁଏଲର୍ସ ପାଇଁ କୋଲକାତା ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇ ରହିଆସିଛି। କାଙ୍କୁରଗାଛିରେ ଆମର ନୂତନ ଶୋ'ରୁମ୍ ଖୋଲିବା ସହିତ ଏହି ସହରରେ ଆମର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ନିଜର ଭବ୍ୟ ଶୁଭାରମ୍ଭ ଅବସରରେ, କଲ୍ୟାଣ ଜୁଏଲର୍ସ ଗହଣା ତିଆରି ଶୁଳ୍କ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନା ବଦଳାଇବା ସମୟରେ କୌଣସି କାଟଛାଣ୍ଟ ନହେବା (୦% କାଟଛାଣ୍ଟ), ଏବଂ ପ୍ରତି ଗ୍ରାମ ସୁନା ପିଛା ୧୩ ହଜାର ୫୭୦ ର ଏକ ସ୍ୱତନ୍ତ୍ର ଦର ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅଫର୍‌ଗୁଡ଼ିକ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଚମତ୍କାର ଡିଜାଇନ୍‌ଯୁକ୍ତ ଗହଣା ଦେଖିବା ଏବଂ କିଣିବାର ଏକ ଉତ୍ତମ ସୁଯୋଗ ଆଣିଦେଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

କ୍ୟାନସର ଚିକିତ୍ସା ହେଲା ଶସ୍ତା: ୫୪୩ ଔଷଧର ଦାମ କମାଇଲେ ସରକାର

ନୂଆଦିଲ୍ଲୀ,୧୮।୧୦: ଦେଶରେ କ୍ୟାନସର ଚିକିତ୍ସା ଖର୍ଚ୍ଚକୁ କମାଇବା ପାଇଁ ଔଷଧର ଦର କମାଇଲା ଭାରତୀୟ ଔଷଧ ମୂଲ୍ୟ ନିୟନ୍ତ୍ରକ ସଂସ୍ଥା ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (NPPA)। କ୍ୟାନସର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ୫୪୩ ଟି ଔଷଧର ବିଭିନ୍ନ ବ୍ରାଣ୍ଡ ଓ ପ୍ୟାକ୍ରେ ସର୍ବାଧିକ ଖୁଚୁରା ମୂଲ୍ୟ ସଂଶୋଧନ କରି ନୂଆ ଦର ଜାରି କରାଯାଇଛି। ଏଥିରେ କେତେକ ଔଷଧର ଦାମ ୯୦ ପ୍ରତିଶତ ପର୍ଯ୍ୟନ

ଲୋକ ସେବା ଭବନରୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

ଖୋରଧା,୨୮।୧୦ (ସଂଚାର ବ୍ୟୁରୋ): ଆଜି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପୂର୍ବାହ୍ନରେ ରାଜ୍ୟ ସଚିବାଳୟ ସ୍ଥିତ ଲୋକ ସେବା ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯୋଗଦେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଓସ୍ୱାନ ପ୍ଲାଟଫର୍ମରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ ।

ଖୋରଧା ଜିଲ୍ଲା ପ୍ରଶାସନ ଓସ୍ୱାନ୍ ପ୍ଲାଟଫର୍ମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେଆଜି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅତିରିକ୍ତ ଜିଲ୍ଲାପାଳ,ରାଜସ୍ୱ ଶ୍ରୀ ସଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ମିଳିତ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ଶପଥ ଗ୍ରହଣ କରିଥିଲେ ।

କବିରାଜ ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ଅଭିଯୁକ୍ତ ଗିରଫ

ବାରିପଦା,୨୮।୧୦ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଖେଜୁରୀ ଜଙ୍ଗଲରେ ଗତ ଦୁଇଦିନ ତଳେ ଘଟିଥିବା ଚାଞ୍ଚଲ୍ୟକର କବିରାଜ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୁଲିସ। ପୂର୍ବ ଶତ୍ରୁତା ଓ ଗ୍ରାମୀଣ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ଏହି ମାମଲାରେ ତାଣ୍ଡିପାଣି ଗାଁ ର ହତ୍ୟାକାରୀ ଜେନା ନାଏକ କୁ ଗିରଫ କରିଛି ପୋଲିସ।

ସୂଚନା ଅନୁସାରେ ଗତ ୨୫ତାରିଖ ବିଶୋଇ ହାଟରୁ ଚେରମୁଳୀ ଔଷଧ ବିକ୍ରି କରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ତାଣ୍ଡିପାଣି ଗ୍ରାମର କବିରାଜ ରାମେଶ୍ୱର ପିଙ୍ଗୁଆଙ୍କୁ ଅତି ନୃଶଂସ ଭାବେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ତାଣ୍ଡିପାଣି ଗାଁର ଜେନା ନାଏକ ନାମକ ବ୍ୟକ୍ତି ଏହି ହତ୍ୟାକାଣ୍ଡ ଘଟାଇଥିବା ତଦନ୍ତରୁ ସୂଚନା ପାଇଛି ପୋଲିସ। ଅଭିଯୁକ୍ତ ଜେନା ନାଏକ ନାଁରେ ପୂର୍ବରୁ ଚୋରି ମାମଲା ରହିଥିବାବେଳେ ସେ ଜେଲ ସଜା ମଧ୍ୟ କାଟିଛି। ମୃତକ ରାମେଶ୍ୱର ପିଙ୍ଗୁଆ ଗାଁର ମୁଖିଆ ବା ମାଝୀ ବାବା ଥିବାରୁ, ତାଙ୍କରି ପଦକ୍ଷେପ ଯୋଗୁଁ ହିଁ ଜେନାକୁ ଜେଲ ଯିବାକୁ ପଡ଼ିଥିଲା ବୋଲି ସେ ମନରେ ଆକ୍ରୋଶ ରଖିଥିଲା। ତେଣୁ ତାଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇଦେବାକୁ ଯୋଜନା କରି ମାଡ଼ୋବାବା ରାମେଶ୍ୱର ପିଙ୍ଗୁଆଙ୍କୁ ଏକ କଟୁରୀରେ ହାଣି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛି।

ଗାଁ ଭିତରେ ବାରୁଦ ଗୋଦାମ, ପୁଲିସ ନିରବ କାହିଁକି ?

ଘରେ ଘରେ ଲକ୍ଷ ଲକ୍ଷର କଲିକତା ବାଣ

ଚଢ଼ାଉ ପୂର୍ବରୁ ଲିକ ହେଉଛି କି ଖବର ?

ମୋଟା ଅଙ୍କ ନେଇ ତଳିଆ ବାବୁଙ୍କ ସେଟିଂ

କାକଟପୁର /ଅସ୍ତରଙ୍ଗ,୨୮।୧୦ (ସଂଚାର ବ୍ୟୁରୋ): ଦୀପାବଳୀ ପୂର୍ବରୁ ପୁରୀ ଜିଲ୍ଲାରେ ବାରୁଦ ଗନ୍ଧ। ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ କଲିକତା ଚାଇନା ବାଣର ବେଆଇନ ସାମ୍ରାଜ୍ୟ। ଗତ ଏକ ମାସ ହେଲା କୋଲକାତା ବାବୁଘାଟରୁ ପ୍ରତି ରାତି ବସରେ ବସ୍ତା ବସ୍ତା ବାଣ ଆସୁଛି ଅସ୍ତରଙ୍ଗ, କାକଟପୁର ନିଦିଷ୍ଟ ଗାଁକୁ, ସୁରକ୍ଷା ଦେଉଛନ୍ତି ନିଦିଷ୍ଟ କର୍ମଚାରୀ । ଘର ଭିତରେ ଗୋଦାମ, ଘର ଭିତରେ ଫ୍ୟାକ୍ଟ୍ରୀ। କୋଲକାତାରୁ କଞ୍ଚା ମାଲ ଆଣି ଏଠି ବାଣ ଭିଡା ହେଉଛି।

ବିଶ୍ୱସ୍ତ ସୂତ୍ର ଅନୁଯାୟୀ ଅସ୍ତରଙ୍ଗ ଥାନା ଅଧୀନ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କ ନେଇ ଆଗୁଆ ବେଗୁନିଆବସ୍ତ,ଅସ୍ତରଙ୍ଗ ମୁଖ୍ୟ ବଜାର, ନଗର ଓ କାକଟପୁରର ବାଜପୁର, ଅହୁଣିଆ ପାଟଣା, ମୁଖ୍ୟ ବଜାରରେ ବଡ ବଡ ଗୋଦାମ। ପ୍ରତି ଗୋଦାମରେ ଲକ୍ଷ ଲକ୍ଷ ଟଙ୍କାର ବାଣ। ଦୀପାବଳୀ ପାଇଁ ମହଜୁଦ। ଗତବର୍ଷ ଖବର ପ୍ରକାଶିତ ପରେ ଅସ୍ତରଙ୍ଗ ପୋଲିସ ବେଗୁନିଆବସ୍ତରୁ ବିପୁଳ ବାଣ ଜବତ କରି ଜଣଙ୍କୁ ଧରିଥିଲା। କାକଟପୁର ପୋଲିସ ବି ବହୁ ବାଣ ଜବତ କରିଥିଲା। ହେଲେ ଏବର୍ଷ ପୁଣି ସେହି ବ୍ୟବସାୟୀ ସକ୍ରିୟ। ସବୁଠୁ ବଡ ପ୍ରଶ୍ନ - ପୋଲିସ କାହିଁକି ଚୁପ ? ଚର୍ଚ୍ଚା ହେଉଛି ଥାନାର କିଛି ତଳିଆ କର୍ମଚାରୀ ସୂଚନା ଦେଉଛନ୍ତି। ବାବୁ, ବାବୁଆଣୀ ଜାଣିବା ପୂର୍ବରୁ ଚଢଉ ଖବର ଲିକ। ପୋଲିସ ଯିବା ବେଳକୁ ଗୋଦାମ ଖାଲି।ଯାହା ପୂର୍ବ ବର୍ଷ ହୋଇଥିଲା।ଏପଟେ ଏସପିଙ୍କ "ଅପରେସନ ଅଗ୍ନି" ଚାଲିଛି। ହେଲେ ଅସ୍ତରଙ୍ଗ, କାକଟପୁରରେ ଅପରେସନ ଅଗ୍ନି ଫେଲ। ବାଣ ଜବତ ଶୂନ୍ୟ।

ବ୍ୟବସାୟୀ ଏବେ ଆହୁରି ଚାଲାକ। ଓକିଲ ଧରି ଲାଇସେନ୍ସ ପାଇଁ ଦୌଡୁଛନ୍ତି। ବେଆଇନ ବାଣକୁ ବୈଧ ଦେଖାଇବାକୁ କାଗଜ ପ୍ରସ୍ତୁତ। ଯଦି ଘର ଭିତରେ ବିସ୍ଫୋରଣ ହୁଏ, କିଏ ଦାୟୀ? ଗାଁ ମଝିରେ ବାରୁଦ ଗୋଦାମ, ଯେ କୌଣସି ମୁହୂର୍ତ୍ତରେ ବଡ ଅଘଟଣ। ସାଧାରଣ ଲୋକେ ଭୟରେ।

ପୋଲିସ ପ୍ରଶାସନ ଯଦି ଏବେ ବି ନ ଜାଗେ, ଦୀପାବଳୀ ପୂର୍ବରୁ ବଡ ଦୁର୍ଘଟଣା ଘଟିବ। ଏସପି ନିଜେ ହସ୍ତକ୍ଷେପ କରି ବସ ଯାଞ୍ଚ ଓ ଅଚାନକ ଚଢଉ କରିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଦୁର୍ନୀତିମୁକ୍ତ ସମାଜ ନିମନ୍ତେ ଶପଥ

ନବରଙ୍ଗପୁର,୨୮।୧୦ (ସଂଚାର ବ୍ୟୁରୋ): ଦୁର୍ନୀତିର ମୁଲୋତ୍ପାଟନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ତଥା ସତତ ଚେଷ୍ଟିତ କେନ୍ଦ୍ର ଓ ରାଜ୍ୟ ସରକାର। ଏହି କ୍ରମରେ ଆଜି ନବରଙ୍ଗପୁର କୋର୍ଟ ପରିସରରେ ସ୍ଥିତ ଜିଲ୍ଲା ଅଭିଯୋଜନ କାର୍ଯ୍ୟାଳୟରେ ଜିଲ୍ଲା ନ୍ୟାୟାଳୟର କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସର୍ବପ୍ରଥମେ ସମସ୍ତ ସରକାରୀ ଓକିଲ ତଥା କର୍ମଚାରୀ ଦୁର୍ନୀତି ମୁକ୍ତ ରାଷ୍ଟ୍ର ଗଠନ ଦିଗରେ ଶପଥ ପାଠ କରିଥିଲେ। ଜଣେ ଅଭିଯୋଜନ ଅଧିକାରୀ କିଭଳି ଭାବରେ ସତ୍ୟନିଷ୍ଠ ତଥା ସଚ୍ଚୋଟ ହୋଇ ପୂର୍ବାପେକ୍ଷା ଆହୁରି ଲୋକାଭିମୁଖୀ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିବ ସେ ନେଇ ଶ୍ରୀ ଏକ୍କା ନିଜର ମତ ପୋଷଣ କରିଥିଲେ। ଏହା ସହ ଆଗାମୀ ଦିନରେ କିପରି ସମାଜରେ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ସେ ନେଇ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସରକାରୀ ଓକିଲ ମୃତ୍ୟୁଞ୍ଜୟ ମହାରଣା, ତପନ କୁମାର ସିଂ, ଶ୍ରୀକାନ୍ତ କୁମାର ପଣ୍ଡା,ରାମଚନ୍ଦ୍ର ନାୟକ, ସଞ୍ଜୀବ ଭକ୍ତ,ଶତାବ୍ଦୀ ପାଳ,ବିଧୁଶେଖର ତ୍ରିପାଠୀ, କିଶୋରୀ ପଟ୍ଟନାୟକ ଓ ଅଭିଯୋଜନ ଅଫିସ ର କର୍ମଚାରୀ ଜ୍ଞାନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲିଗୁଡ଼ାରେ ବିଜେଡିର ରଣହୁଙ୍କାର

ବାଲି ଚୋରାଚାଲାଣଠାରୁ ଟେଣ୍ଡର ଅନିୟମିତତା ଯାଏଁ ସ୍ୱର ଉଠାଇବ ଦଳ

ଜନ ସମସ୍ୟାକୁ ନେଇ ଆନ୍ଦୋଳନର ଚେତାବନୀ

ଫୁଲବାଣୀ,୨୮।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଅଞ୍ଚଳରେ ଜନସମସ୍ୟା, ବେଆଇନ ବାଲି କାରବାର ଓ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତାକୁ ନେଇ ରାଜନୈତିକ ତତ୍ପରତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ା ସ୍ଥିତ ପିଡବ୍ଲ୍ୟୁଡି ବଙ୍ଗଳା ଠାରେ ନୂତନ ସାଙ୍ଗଠନିକ କର୍ମକର୍ତ୍ତା ଗଠନ ପରେ ପ୍ରଥମ ଥର ପାଇଁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରିବା ସହ ଆଗାମୀ ଦିନରେ ଦଳର ସାଂଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଥମେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ କନ୍ଧମାଳ ଜିଲ୍ଲା ସଭାପତି ପଦ୍ମନାଭ ବେହେରା ବାଲିଗୁଡ଼ା ଅଞ୍ଚଳରେ ସାଂଗଠନିକ ଦାୟିତ୍ୱ ଦେଇଥିବାରୁ ଦଳୀୟ ନେତୃତ୍ୱଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା । ଜନସାଧାରଣ ଙ୍କ ସମସ୍ୟାକୁ ନେଇ ବିଜେଡି ସବୁବେଳେ ସ୍ୱର ଉଠାଇ ଆସିଛି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଦଳୀୟ ନେତାମାନେ କହିଥିଲେ। ବାଲିଗୁଡ଼ା ଅଞ୍ଚଳରେ ବାଲିଘାଟ ବନ୍ଦ ରହିଥିବା ସତ୍ତ୍ୱେ ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଟ୍ରାକ୍ଟର ସଂଘ ପକ୍ଷରୁ ଦୁଇ ଦିନ ଧରି ବନ୍ଦ ଡାକରା ଦିଆଯାଇଥିବା କଥା ଉଲ୍ଲେଖ କରି ବାଲି କାରବାରରେ ଅନିୟମିତତା ହେଉଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ବେଆଇନ କାରବାରରେ କାହାରି ସଂପୃକ୍ତି ଥିଲେ ତାଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦଳ ଦାବି ଉଠାଇବ ବୋଲି କହିଥିଲା।

ବାଲିଗୁଡାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିନା ଟେଣ୍ଡରରେ କାର୍ଯ୍ୟ ବଣ୍ଟନ ଓ କାମରେ ଅନିୟମିତତା ହେଉଥିବା ଅଭିଯୋଗର ତଦନ୍ତ ଦାବି କରାଯାଇଥିଲା। ସରକାରୀ ଅର୍ଥର ସଠିକ୍ ବିନିଯୋଗ, କାର୍ଯ୍ୟର ଗୁଣବତ୍ତା ଏବଂ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ପାଳନ ଉପରେ ଦଳ ଗୁରୁତ୍ୱ ଦେଇଥିଲା। ସେହିପରି ବାଲିଗୁଡ଼ା ସହର ଓ ବିଧାନସଭା କ୍ଷେତ୍ରରେ ରାସ୍ତାଘାଟ, ପାନୀୟ ଜଳ, ଡ୍ରେନେଜ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟର ଅଗ୍ରଗତିକୁ ନେଇ ପ୍ରଶ୍ନ ଉଠାଯାଇଥିଲ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଧାମନଗରରେ ଲଗାଣ ବର୍ଷା

ଜନଜୀବନ ଅସ୍ତବ୍ୟସ୍ତ, ଦୁର୍ବଳ ନଦୀବନ୍ଧ ଓ ଖରାପ ରାସ୍ତାକୁ ନେଇ ଚିନ୍ତା

ଧାମନଗର,୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଧାମନଗର ଅଞ୍ଚଳରେ ଦୁଇଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହାର ପ୍ରଭାବରେ ଜନଜୀବନ ଆଂଶିକ ଭାବେ ବ୍ୟାହତ ହୋଇଥିବା ବେଳେ ଯାତାୟାତ ଓ ବ୍ୟବସାୟିକ କାରବାର ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ, ଦୀର୍ଘଦିନ ଧରି ବର୍ଷା ଅଭାବରୁ ଶୁଖିଲା ପଡ଼ିଥିବା ଧାନଜମିରେ ପାଣି ହେବାରୁ ଚାଷୀଙ୍କୁ ଆଶ୍ୱସ୍ତି ମିଳିଛି। ତେବେ ପୂର୍ବ ବନ୍ୟାରେ କ୍ଷତିଗ୍ରସ୍ତ ନଦୀବନ୍ଧ ଓ ରାସ୍ତାଘାଟକୁ ନେଇ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ମଙ୍ଗଳବାର ଅପରାହ୍ଣରୁ ଆରମ୍ଭ ହୋଇଥିବା ବର୍ଷା ବୁଧବାର ମଧ୍ୟ ଲାଗି ରହିଥିଲା। ଫଳରେ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହେବା ସହ ଧାମନଗର ବଜାରରେ ଗ୍ରାହକଙ୍କ ଭିଡ଼ କମିଯାଇଥିଲା। ଏହାଦ୍ୱାରା ଦୋକାନ ବଜାରରେ ବ୍ୟବସାୟିକ କାରବାର ମାନ୍ଦା ପଡ଼ିଛି। ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳ ନିଷ୍କାସନକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ଗତ ବନ୍ୟାରେ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ନଦୀବନ୍ଧ ଓ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ପୁଣି ଲଗାଣ ବର୍ଷା ଆରମ୍ଭ ହେବାରୁ ସେଗୁଡ଼ିକର ସୁରକ୍ଷାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅର୍ଜୁନପୁର ପୋଲର ସାଇଡ୍ ୱାଲ୍ ବନ୍ୟା ସମୟରେ କ୍ଷତିଗ୍ରସ୍ତ ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପକ୍ଷରୁ ଏହାର ମରାମତି କରାଯାଉଛି। ସେହିପରି ପଧାନୀ ପଞ୍ଚାୟତର ଦାସପାରି ମଳିକସାହି ନିକଟରେ ବନ୍ୟା ପରେ ନଦୀବନ୍ଧ ଧସିଯାଇଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଜରିପାଲ ଓ ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି କରାଯାଉଛି। ତେବେ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ନଦୀବନ୍ଧର ସ୍ଥିତି ଯାଞ୍ଚ କରିବା ସହ ଖରାପ ରାସ୍ତାଘାଟର ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ଅନ୍ୟପକ୍ଷରେ, ଦୀର୍ଘଦିନ ଧରି ବର୍ଷା ଅଭାବରୁ ଧାନଚାଷ ପ୍ରଭାବିତ ହେବା ଆଶଙ୍କାରେ ଚାଷୀମାନେ ଚିନ୍ତିତ ଥିଲେ। ବର୍ତ୍ତମାନର ବର୍ଷା ଯୋଗୁଁ ଧାନଜମିରେ ପାଣି ହେବା ସହ ଚାଷକାର୍ଯ୍ୟରେ ସହାୟତା ମିଳିବା ଆଶା ସୃଷ୍ଟି ହୋଇଛି। ଏଥିପାଇଁ ଚାଷୀମାନେ କିଛିଟା ଆଶ୍ୱସ୍ତ ହୋଇଛନ୍ତି। ତେବେ ବର୍ଷା ଲାଗି ରହିଲେ ତଳିଆ ଅଞ୍ଚଳରେ ଜଳ ଜମିବା ସହ ଯାତାୟାତ ସମସ୍ୟା ଅଧିକ ଜଟିଳ ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ନଦୀବନ୍ଧ, ପୋଲ ଓ ରାସ୍ତାଘାଟର ସ୍ଥିତି ଉପରେ ନଜର ରଖିବା ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବାତ୍ୟାର ସମୀକ୍ଷା ସହ ସମସ୍ତ ବିଭାଗକୁ ସଜାଗ ରହିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଫୁଲବାଣୀ,୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା ଅର୍ଣବ ର ସମୀକ୍ଷା କରିବା ପାଇଁ କନ୍ଧମାଳ ଦାୟିତ୍ୱରେ ଥିବା ପଞ୍ଚାୟତରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କନ୍ଧମାଳ ଗସ୍ତ କରିଛନ୍ତି। କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରେ ପହଞ୍ଚି ଜିଲ୍ଲାପାଳଙ୍କ ସଦଭାବନା ଗୃହରେ କନ୍ଧମାଳ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ବାତ୍ୟା ପରିସ୍ଥିତିକୁ ଆଖିଆଗରେ ରଖି ସମସ୍ତଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଗ୍ରାମାଞ୍ଚଳ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କୁ ୨୪ ଘଣ୍ଟା ଏଲର୍ଟ ରହିବା ସହ କୌଣସି ଅସୁବିଧାର ସମ୍ମୁଖୀନ କିମ୍ବା କ୍ଷୟକ୍ଷତି ହେଲେ ମନ୍ତ୍ରୀଙ୍କୁ ବା ସରକାରଙ୍କୁ ୫ ଦିନ ଭିତରେ ହୋଇଥିବା କ୍ଷୟ କ୍ଷତିର ପରିମାଣ ଜଣାଇଲେ ସମ୍ପୂର୍ଣ୍ଣ କ୍ଷୟ କ୍ଷତିର ପରିମାଣ ୫ ଦିନ ଭିତରେ ହିଁ ସମସ୍ତ ଅର୍ଥରାଶି ପ୍ରଦାନ କରିଦେବେ ବୋଲି କହିଛନ୍ତି ରବି ନାରାୟଣ ନାୟକ । ସେଠାରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ, କନ୍ଧମାଳ ବିଧାୟକ ଉମାଚରଣ ମଲିକ୍, ଏବଂ ଜିଲ୍ଲା ର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ

'ଅତୀତ ବର୍ତ୍ତମାନ ପାଇଁ ପ୍ରେରଣା ଏବଂ ଭବିଷ୍ୟତ ପାଇଁ ସମ୍ଭାବନା'

ଢେଙ୍କାନାଳ,୨୮।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ ପକ୍ଷରୁ ବୁଧବାର ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷ୍ୟାଳୟରେ ଏକ ଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ମୁଖ୍ୟ ଅତିଥି, ସଂସ୍କୃତି ଅଧିକାରୀ ଜ୍ୟୋତିରଞ୍ଜନ ସାହୁ, ନାଟ୍ୟକାର ଦିନେଶ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ଢେଙ୍କାନାଳ ଜିଲ୍ଲାର ବରପୁତ୍ରଙ୍କ ଅବଦାନ ଶୀର୍ଷକ ବିଷୟ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବରେ ଡ. ଉଦ୍ଧବ ନାୟକ ଏବଂ ସମ୍ମାନୀତ ବକ୍ତା ଭାବରେ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ଢେଙ୍କାନାଳର ବରେଣ୍ୟ ବୀରପୁତ୍ରମାନଙ୍କର କୃତି ଓ କୀର୍ତ୍ତି ସମ୍ପର୍କରେ ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସମ୍ପାଦକ ସଞ୍ଜୟ କୁମାର ଛୁଆଲସିଂ ସ୍ୱାଗତ ଭାଷଣ ଏବଂ ସାମାପନୀ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବାହାଦୁର ପାଟଶାହାଣିଙ୍କ

SANCHAR
ସଂଚାର
ଗୁରୁବାର ୨୯ ଅକ୍ଟୋବର ୨୦୨୬

ଲୋ ବ୍ଲଡପ୍ରେସର ଥିଲେ ମିଶ୍ରି ଖାଆନ୍ତୁ

ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ଚଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରିତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।

ଲିଭର୍‌କୁ ସୁରକ୍ଷିତ ରଖେ ଭୃସଙ୍ଗପତ୍ର

ଭୃସଙ୍ଗପତ୍ର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ପ୍ରତିଦିନ ସକାଳେ ଅଧାକପ୍ ଭୃସଙ୍ଗପତ୍ର ରସ ପିଇଲେ ଲିଭର ବିଭିନ୍ନ ସଂକ୍ରମଣରୁ ଦୂରେଇ ରୁହେ। ଏହାର କାର୍ଯ୍ୟକୁ ଭୃସଙ୍ଗପତ୍ର ରସ ସ୍ୱାଭାବିକ କରେ। ଭୃସଙ୍ଗପତ୍ର ରସ ନିୟମିତ ପିଇଲେ ମଧୁମେହରୁ ମୁକ୍ତି ମିଳେ। ଏହା ରକ୍ତର କୋଲେଷ୍ଟରଲସ୍ତରକୁ ନିୟନ୍ତ୍ରିତ କରିଥାଏ। ଏଥିରେ ଭିଟାମିନ ବି୧, ବି୩, ବି୯ ଏବଂ ସି ରହିଥାଏ। ଏହା ସହିତ ଏଥିରେ ଆଇରନ, କ୍ୟାଲସିୟମ ଏବଂ ଫସଫରସ ରହିଛି। ପ୍ରତିଦିନ ଭୃସଙ୍ଗପତ୍ର ଚୋବାଇବା ଖାଇଲେ ଦ୍ୱାରା ମେଦବହୁଳତାରୁ ମିଳେ ମୁକ୍ତି। ଏକ ଚାମଚ ମହୁରେ ଭୃସଙ୍ଗପତ୍ର ରସ ମିଶାଇ ପିଇଲେ କଫ ବାହାରି ଯାଇଥାଏ। ଏହାକୁ ନିୟମିତ ପିଇଲେ ହାର୍ଟ ଆଟାକ୍ ଆଶଙ୍କା କମିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

ହାର୍ଟ ଷ୍ଟ୍ରୋକରୁ ଦୂରେଇ ରହିବାକୁ ଚାହୁଁଛନ୍ତି କି ?

ଖାଦ୍ୟପେୟରେ ଅନିୟମିତତାଯୋଗୁ କେତେକଙ୍କଠାରେ ହାର୍ଟ ଆଟାକ୍ ସମସ୍ୟା ଦେଖାଦେଇଥାଏ। ତେବେ ସପ୍ତାହରେ ୨-୩ଥର ଡାଳିମ୍ବ ଜୁସ୍ ପିଇଲେ ଏହା ରକ୍ତ ସଞ୍ଚାଳନକୁ ସ୍ୱାଭାବିକ କରିଥାଏ। ଏହା କୋଲେଷ୍ଟରଲସ୍ତରକୁ କମାଇଥାଏ। ଡାଳିମ୍ବ ରସ ପିଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ହୁଏ। ଫଳରେ ହାର୍ଟ ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ କମ୍ ହୁଏ। ଡାଳିମ୍ବ ଜୁସ୍‌ରେ ଭିଟାମିନ-ଏ, ସି, ଇ, ଫୋଲିକ ଏସିଡ୍ ଓ ଆଣ୍ଟି ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଥାଏ। ରକ୍ତରେ ଆଇରନ କମ ଥିଲେ ନିୟମିତ ଡାଳିମ୍ବ ରସ ପିଇଲେ ସୁଫଳ ମିଳେ।

ପାଚନ ଶକ୍ତି କମ୍ ଥିଲେ ପିଜୁଳି କମ୍ ଖାଆନ୍ତୁ

ପିଜୁଳି କେବଳ ଏକ ଫଳ ନୁହେଁ ବରଂ ଏକ ସୁପରଫୁଡ୍, ଯାହା ଅନେକ ସ୍ୱାସ୍ଥ୍ୟ ଉପକାରିତାରେ ପରିପୂର୍ଣ୍ଣ। ଏଥିରେ ଭିଟାମିନ୍ 'ସି', ଡାଏଟାରୀ ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଏବଂ ଏଥିରେ ପୋଟାସିୟମ, ଭିଟାମିନ୍ 'ଏ' ଏବଂ ଅତ୍ୟାବଶ୍ୟକ ମିନେରାଲସ ମଧ୍ୟ ଥାଏ ଯାହା ହୃଦୟ ସ୍ୱାସ୍ଥ୍ୟ, ଗ୍ଲୋଇଂ ସ୍କିନ୍ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ।

ଏଥିସହ ଅନେକ ଲୋକ ପାଚନ ଶକ୍ତି ଉନ୍ନତ କରିବା, ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା, ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଚର୍ମକୁ ଉନ୍ନତ କରିବା ପାଇଁ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତି। ଖାଦ୍ୟ ବିଶେଷଜ୍ଞମାନେ ଏହାକୁ ଏକ ସୁସ୍ଥ ଫଳ ମଧ୍ୟ ବିବେଚନା କରନ୍ତି। କିନ୍ତୁ ମିଳିଥିବା କିଛି ରିପୋର୍ଟ ଅନୁସାରେ ଏହା କିଛି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।

ପିଜୁଳିରେ ଫାଇବର ପରିମାଣ ଅଧିକ, କିନ୍ତୁ ଏହାର ମଞ୍ଜି ଅନେକ ଲୋକଙ୍କ ପାଇଁ ହଜମ କରିବା କଷ୍ଟକର ହୋଇପାରେ। ଯେଉଁମାନେ ପ୍ରାୟତଃ ଗ୍ୟାସ୍, ଏସିଡିଟି, ପେଟ ଫୁଲିବା କିମ୍ବା ଇରିଟେବ୍ଲେ ବାଓଏଲ୍ ସିଣ୍ଡ୍ରୋମରେ ପୀଡିତ, ସେମାନଙ୍କ ପାଇଁ ଅଧିକ ଫାଇବର ପରିମାଣ ଅନ୍ତନଳୀକୁ ଖାରପ କରିପାରେ। ଏହି ଲୋକମାନେ ପିଜୁଳି ଖାଇବା ପରେ ପେଟ ଯନ୍ତ୍ରଣା, ଡାଇରିଆ କିମ୍ବା ଭାରୀ ଅନୁଭବ କରିପାରନ୍ତି। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଯେଉଁମାନଙ୍କର ଖରାପ ପାଚନ ଶକ୍ତି ସେମାନେ ଏହାକୁ କମ୍ ମାତ୍ରାରେ ସେବନ କରନ୍ତୁ ଏବଂ କଞ୍ଚା ପିଜୁଳି ଖାଇବାରୁ ଦୂରେଇ ରୁହନ୍ତୁ।

ପିଜୁଳିରେ ପ୍ରାକୃତିକ ଚିନି ଥାଏ, ଯାହା ଅନୁପଯୁକ୍ତ ଭାବରେ ସେବନ କଲେ ରକ୍ତ ଶର୍କରା ବୃଦ୍ଧି କରିପାରେ। ଟାଇପ୍ ୨ ମଧୁମେହ ଥିବା ଲୋକମାନେ ପାଚିଲା ପିଜୁଳି କିମ୍ବା ଏହାର ରସ ଖାଇବା ଦ୍ୱାରା ସୁଗାର ବୃଦ୍ଧି ପାଇବାର ଆଶଙ୍କା ଥାଇପାରେ। ଖାଲି ପେଟରେ ପିକୁଳି ଖାଇବା ଦ୍ୱାରା ଦ୍ରୁତ ଗ୍ଲୁକୋଜ୍ ଶୋଷଣ ହୋଇପାରେ। ତେଣୁ, ମଧୁମେହ ରୋଗୀମାନେ ସୀମିତ ପରିମାଣରେ ପିଜୁଳି ଖାଇବା ଉଚିତ।

କିଛି ଲୋକଙ୍କ କ୍ଷେତ୍ରରେ, ପିଜୁଳି ଖାଇବା ଦ୍ୱାରା କୁଣ୍ଡାଇ ହେବା, ଫୋଡି ଫୋଡି ହେବା କିମ୍ବା ଏକଜିମା ବଢ଼ିପାରେ। ଏହା ବିଶ୍ୱାସ କରାଯାଏ ଯେ, ପିଜୁଳି ଶରୀରର ଆଭ୍ୟନ୍ତରୀଣ ଉତ୍ତାପ ବୃଦ୍ଧି କରିପାରେ।

ପିଜୁଳିକୁ ଏକ ଥଣ୍ଡା ଜାତୀୟ ଫଳ ବୋଲି କୁହାଯାଏ। ଏହାର ଅର୍ଥ ହେଉଛି ଯେଉଁ ଲୋକମାନେ ଥଣ୍ଡା, କାଶ, ସାଇନସ୍ ସମସ୍ୟା କିମ୍ବା ଗଳା ଯନ୍ତ୍ରଣାର ଶିକାର ହୁଅନ୍ତି ସେମାନେ ସେମାନେ ଏହାକୁ ଖାଇବା ଦ୍ୱାରା କଫ ହୋଇପାରେ। ତେଣୁ ଏହି ରୋଗୀମାନେ ଅଧିକ ମାତ୍ରାରେ ଖାଆନ୍ତୁ ନାହିଁ ପିଜୁଳି।

ସୂର୍ଯ୍ୟୋଦୟ ସହ ବ୍ୟାୟାମ କରିବା ବେଶୀ ଲାଭଦାୟକ

ସକାଳେ ସୂର୍ଯ୍ୟ ଉଦୟ ସହ ବ୍ୟାୟାମ କରିବା ବେଶ୍ ଲାଭଦାୟକ। ପୁରୁଣାକାଳିଆ ବୟସ୍କ ଲୋକମାନେ ପ୍ରାୟତଃ ସୂର୍ଯ୍ୟୋଦୟ ସହ ହିଁ ବ୍ୟାୟାମ କରିଥାନ୍ତି। ଏମ୍ସିପିଆଇର ଅଧ୍ୟୟନ ପାଇଁ ଅଧିକ ଓଜନ ଥିବା ବୟସ୍କ ଲୋକମାନଙ୍କୁ ସକାଳେ ଓ ସଂଧ୍ୟାରେ ବ୍ୟାୟାମ କରିବାକୁ ୨ ଭାଗରେ ବଣ୍ଟା ଯାଇଥିଲା। ଉଭୟ ଗ୍ରୁପର ଲୋକମାନେ ବ୍ୟାୟାମ କରିବା ଦ୍ୱାରା ଶକ୍ତି ବଢ଼ିଥିଲା। କିନ୍ତୁ ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଅଧିକ ଶକ୍ତି ଆସୁଥିବାର ଦେଖାଯାଇଥିଲା। ଏହି ଗବେଷଣାରୁ ଜଣାପଡିଛି ଯେ ସଂଧ୍ୟା ଅପେକ୍ଷା ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଶକ୍ତି ଅଧିକ ଆସିଥାଏ ଅର୍ଥାତ୍ ସକାଳେ ବ୍ୟାୟାମ କରିବା ଦ୍ୱାରା ଅନେକ ଫାଇଦା ହୋଇଥାଏ। ଯେପରିକି-

ଓଜନ କମିବା: ସକାଳେ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ବଢ଼ିବା ସହ ଅଧିକ କ୍ୟାଲୋରୀ ବର୍ଣ୍ଣ ହୋଇଥାଏ। ଏହି ସମୟରେ ବ୍ରିସ୍କ ୱାର୍କ, ଜଗିଂ, ସ୍କିପିଂ ପରି ବ୍ୟାୟାମ କରିବା ଦ୍ୱାରା ଓଜନ କମିବାରେ ସହଯୋଗ ମିଳିଥାଏ। ଏହି ବ୍ୟାୟାମ କରିବା ପରେ ଏକ ଗ୍ଲାସ୍ ହାଲ୍କା ଉଷୁମ ପାଣି ପିଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

ଷ୍ଟ୍ରେସ୍ କମ୍ ହୁଏ: ସକାଳ ସୂର୍ଯ୍ୟ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ସକାରାତ୍ମକତା ସହ ଦିନର ଆରମ୍ଭ ହୋଇଥାଏ। ଏହାଦ୍ୱାରା ଭାବନାତ୍ମକ ସନ୍ତୁଳନ ରହିବା ସହ ଚିନ୍ତା କମିଥାଏ। ଚିନ୍ତା କମ୍ କରିବା ପାଇଁ ସକାଳେ ଭ୍ରାମରୀ ପ୍ରାଣାୟାମ, ଅନୁଲୋମ-ବିଲୋମ ବ୍ରିସ୍କ ୱାର୍କ ଓ ତାଡାସନ ଆଦି କରିପାରିବେ।

ହୃଦଘାତରୁ ସୁରକ୍ଷା ମିଳେ: ସକାଳ ସୂର୍ଯ୍ୟକିରଣ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ରକ୍ତ ସଞ୍ଚାଳନ ତୀବ୍ର ହେବା ସହ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ଫଳରେ ହୃଦ୍ଘାତର ଆଶଙ୍କା କମ୍ ରହିଥାଏ।

ନିଦର ଗୁଣବତ୍ତା ବଢ଼ିଥାଏ: ସକାଳେ ବ୍ୟାୟାମ କରିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ରହିଥାଏ। ଶୀଘ୍ର ଉଠି କାମ କରିବା ଦ୍ୱାରା ଠିକ୍ ସମୟରେ କାମ ସରିଥାଏ। ଫଳରେ ଏହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ରାତିରେ ଭଲ ନିଦ ହେବା ସହ ଅନିଦ୍ରାଜନିତ ସମସ୍ୟା ଦୂର ହୁଏ।

ଫୋକସ୍ ବଢ଼େ: ସକାଳୁ ବ୍ୟାୟାମ କରିବା ଦ୍ୱାରା ଶରୀରକୁ ଅମ୍ଳଜାନ ସପ୍ଲାଇ ବଢ଼ିଥାଏ। ଫଳରେ ବ୍ୟକ୍ତିର ଫୋକସ୍ ବଢ଼ିଥାଏ। ଫୋକସ୍ ବଢ଼ିବା ପାଇଁ ବୃକ୍ଷାସନ ଓ କପାଳଭାତି କରିପାରିବେ।

ଅଧିକ ପ୍ରୋଟିନ୍ ଗ୍ରହଣ କରୁଛନ୍ତି କି ?

ପ୍ରୋଟିନ୍ ଆମ ଶରୀର ପାଇଁ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ। ଏହା ମାଂସପେଶୀକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତଥାପି, ଆଜିକାଲି ଲୋକମାନେ ସେମାନଙ୍କ ଖାଦ୍ୟରେ ଅତ୍ୟଧିକ ପରିମାଣର ପ୍ରୋଟିନ୍ ଗ୍ରହଣ କରୁଛନ୍ତି କିମ୍ବା ଫିଟନେସ୍ ଏବଂ ଡାଏଟିଂ ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ୍ ନେଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି।

ଜଳୀୟ ଅଂଶ କମିବା: ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ଉପରେ ଚାପ ପକାଇଥାଏ। ପ୍ରୋଟିନ୍ ଛାଣିବା ପାଇଁ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ଦ୍ୱାରା ଜଳୀୟ ଅଂଶ କମିଯାଇପାରେ।

ପେଟ ସମସ୍ୟା: ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ କଲେ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ହୋଇପାରେ। ପ୍ରୋଟିନ୍ ହଜମ ହେବା ପାଇଁ ସମୟ ଲାଗେ ଏବଂ ଫାଇବର ଅଭାବରୁ ଏହି ସମସ୍ୟା ବଢ଼ିଯାଏ।

ଓଜନ ବୃଦ୍ଧି: ଅନେକ ଲୋକ ଭାବନ୍ତି ଯେ, ଅଧିକ ପ୍ରୋଟିନ୍ ଖାଇବା ଦ୍ୱାରା ଓଜନ ହ୍ରାସ ପାଇବ, କିନ୍ତୁ ବାସ୍ତବତା ଏହା ହୋଇନଥାଏ। ପ୍ରୋଟିନ୍ ଗ୍ରହଣରୁ ଅତିରିକ୍ତ କ୍ୟାଲୋରି, ଚର୍ବି ଭାବରେ ସଞ୍ଚିତ ହୁଏ । ଯାହା ଫଳରେ ଓଜନ ବୃଦ୍ଧି ପାଏ।

ପାଟି ଦୁର୍ଗନ୍ଧ: ଯେତେବେଳେ ଶରୀର କାର୍ବୋହାଇଡ୍ରେଟ୍ ଅଭାବରୁ କେବଳ ପ୍ରୋଟିନ୍ ଉପରେ ନିର୍ଭର କରେ, ସେତେବେଳେ କିଟୋନ୍ ନାମକ ପଦାର୍ଥ ଉତ୍ପାଦନ ହୁଏ। ଏହା ହିଁ ପାଟି ଦୁର୍ଗନ୍ଧର କାରଣ।

ଥକ୍କାପଣ ଏବଂ ଦୁର୍ବଳତା: ଲଗାତାର ଥକ୍କାପଣ କିମ୍ବା ଶକ୍ତିର ଅଭାବ ମଧ୍ୟ ଅତ୍ୟଧିକ ଖାଇବାର ଏକ ଲକ୍ଷଣ ହୋଇପାରେ । କାର୍ବୋହାଇଡ୍ରେଟର ଅଭାବ ଶରୀରକୁ ତୁରନ୍ତ ଶକ୍ତି ପାଇବାରୁ ବାଧା ଦେଇପାରେ।

ଚର୍ମରେ ଫୋଟକା ଏବଂ ବ୍ରଣ: ବିଶେଷକରି କ୍ଷୀର ଏବଂ ସପ୍ଲିମେଣ୍ଟରୁ ଅତ୍ୟଧିକ ପ୍ରୋଟିନ୍ ଶରୀରରେ ହରମୋନ୍ ଅସନ୍ତୁଳନ ସୃଷ୍ଟି କରିପାରେ। ଏହା ଚର୍ମରେ ଦେଖିବାକୁ ମିଳିପାରେ। ଯାହା ଫଳରେ ଫୋଟକା ଏବଂ ବ୍ରଣ ହୋଇପାରେ।

ବୃକକ୍ ପ୍ରଭାବ: ବୃକକ୍ ସବୁଠାରୁ ଅଧିକ ବିପଦରେ ଥାଏ। ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ପାଇଁ ଛାଣିବା କଷ୍ଟକର କରିପାରେ ଏବଂ ଦୀର୍ଘକାଳୀନ ବୃକକ୍ କ୍ଷତିର ଆଶଙ୍କା ବଢ଼ାଇପାରେ।

ବିକଶିତ ଓଡ଼ିଶାରେ ଦୁଃଖରେ ୫ ପରିବାର

୪୦ ବର୍ଷ ପରେ ବି ମିଳିନି ଘର!

ଗଞ୍ଜାମ,୨୮।୧୦ (ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶାର ସ୍ୱପ୍ନ ଭିତରେ ଲୁଚି ରହିଛି ଗରିବୀର ଏକ କରୁଣ ଚିତ୍ର। ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ, ପିଇବାକୁ ବିଶୁଦ୍ଧ ପାଣି ନାହିଁ। ଭଙ୍ଗା କୁଡ଼ିଆରେ ବିପଦସଙ୍କୁଳ ଜୀବନ କାଟୁଛନ୍ତି ୫ଟି ପରିବାର। ଖଜୁରି ପତ୍ରରେ ଝାଡୁ ତିଆରି କରି ପରିବାର ପୋଷୁଥିବା ଏହି ଲୋକଙ୍କ ପାଇଁ ସରକାରୀ ଯୋଜନା ଯେମିତି ସାତ ସପନ। ଦୀର୍ଘ ୪୦ ବର୍ଷ ଧରି ଦୁର୍ଦ୍ଦଶାରେ ଜୀବନ କାଟୁଥିଲେ ମଧ୍ୟ ମିଳିନି ସ୍ଥାୟୀ ଆଶ୍ରୟ। କେବେ ବଦଳିବ ଏମାନଙ୍କ ଭାଗ୍ୟ? କେବେ ପଡ଼ିବ ପ୍ରଶାସନର ନଜର? ଜଙ୍ଗଲ ଓ ପାହାଡ଼ଘେରା ପରିବେଶ। ମୁଣ୍ଡ ଉପରେ ତାଳପତ୍ରର ଛପର, ଚାରିପଟେ ଭଙ୍ଗା ଓ ଅସୁରକ୍ଷିତ କୁଡ଼ିଆ। ଏହା ହିଁ ଦୀର୍ଘ ୪୦ ବର୍ଷ ଧରି ଏମାନଙ୍କ ଠିକଣା। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ କେଏନପୁର ପଞ୍ଚାୟତର ବାଗଦେବୀ ଛକରେ ରହୁଥିବା ୫ଟି ପରିବାରଙ୍କ ଦୁଃଖ କହିଲେ ନସରେ। ନିଜସ୍ୱ ଜମି ନାହିଁ କି ପକ୍କା ଘର ନାହିଁ। ଖଜୁରି ପତ୍ରରେ ଝାଡୁ ତିଆରି କରି ଗାଁ ଗାଁ ବୁଲି ବିକ୍ରି କରି ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଚଳାଇବା ବି କଷ୍ଟକର। ଖରା ହେଉ କି ଶୀତ, ଏହି ଭଙ୍ଗା କୁଡ଼ିଆରେ ହିଁ ଜୀବନ କାଟୁଛନ୍ତି ପରିବାର ସଦସ୍ୟ। ହେଲେ ବର୍ଷା ହେଲେ ଘର ଭିତରେ ପାଣି ପଶିଯାଉଛି। ରୋଷେଇବାସ ବନ୍ଦ ହୋଇଯାଉଛି। ଅନେକ ସମୟରେ ଖାଇବାକୁ ନପାଇ ଭୋକ ଉପାସରେ ରହିବାକୁ ପଡୁଛି। ଅଭାବ ଅନଟନ ଭିତରେ ଦିନ କାଟୁଥିବା ଏହି ପରିବାରଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି ଏମାନେ। ନିଜସ୍ୱ ଜମି ପଟ୍ଟା ନଥିବାରୁ ଆବାସ ଯୋଜନାରେ ଘର ମିଳୁନଥିବା ଅଭିଯୋଗ ହୋଇଛି। ସରକାରୀ ସହାୟତା କହିଲେ ରାସନ କାର୍ଡରୁ ମିଳୁଥିବା ଚାଉଳ। ଏପରିକି ପିଇବା ପାଣିର ସୁବିଧା ମଧ୍ୟ ନାହିଁ। ନିକଟସ୍ଥ ନାଳର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି ଏହି ପରିବାର। ପାଞ୍ଚ ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ପାଣି ଅଭାବରୁ ତାହା ଅବ୍ୟବହୃତ ହୋଇପଡ଼ିଛି। ଗୋଟିଏ ପଟେ ବିକଶିତ ଓଡ଼ିଶାର ସ୍ୱପ୍ନ, ଅନ୍ୟପଟେ ମୌଳିକ ସୁବିଧାରୁ ବଞ୍ଚିତ ୫ଟି ପରିବାର। ୪୦ ବର୍ଷ ଧରି ଦୁର୍ଦ୍ଦଶାରେ ଜୀବନ କାଟୁଥିବା ଏହି ପରିବାରଙ୍କ ଦୁଃଖ କେବେ ଦୂର ହେବ? କେବେ ମିଳିବ ସ୍ଥାୟୀ ଆଶ୍ରୟ? ଏମାନଙ୍କୁ ସୁରକ୍ଷିତ ଘର ଓ ପାନୀୟ ଜଳ ଯୋଗାଇଦେବା ସହ ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଏବେ ପ୍ରଶାସନ କେବେ ଏହି ଅସହାୟ ପରିବାରଙ୍କ ଦୁଃଖ ଶୁଣୁଛି, ତାହାକୁ ଅପେକ୍ଷା।

ସରକାରୀ ଜମିରୁ ଗଛକାଟି ବିକିଦେଲେ ପାଣି ଚାଳକ !

ତିର୍ତ୍ତୋଲ,୨୮।୧୦ (ସଂଚାର ବ୍ୟୁରୋ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ଠାରେ ଥିବା ପୁରୁଣା ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗ ର ଅଫିସ୍ ପାଚେରୀ ଭିତରେ ଥିବା ଦୁଇଟି ବିରାଟକାୟ ଗଛ କୁ କାଟି ସ୍ଥାନୀୟ କାଠ ବେପାରୀ କୁ ବିକି ଦେଇଥିବା ଖବର ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସୂଚନା ମୁତାବକ ବହୁତ୍ ଦିନ ହେଲା ଏହି ଗଛ ଦୁଇଟି ଉପରେ ପାଣି ଚାଳକ ମହାଶୟ ଙ୍କ ନଜର ରହିଥିଲା ଏହି ଗଛ ଉପରେ ଏପରିକି ବେପାରୀ କୁ ଆଣି ଲେଣ ଦେଣ ବେବସ୍ଥା ମଧ୍ୟ ହୋଇଥିଲା। କେବଳ ସୁଯୋଗ କୁ ଅପେକ୍ଷା ଥିଲା। ଗତକାଲି ପ୍ରବଳ ବର୍ଷା ରେ ନଇଁ ପଡ଼ିଥିବା ଏକ ଛୋଟ ଗଛକୁ କାଟିବା ସହିତ ଅଫିସ୍ ରୁ ବହୁ ଦୂରରେ ଥିବା ଆଉ ଏକ ବିରାଟକାୟ ଗଛକୁ ମଧ୍ୟ କାଟିବାକୁ ପଛାଇ ନଥିଲା ମହାଶୟ ପଞ୍ଚ ଚାଳକ । ଯେପରିକି ମଉକା ଦେଖି ଚୌକା ମାରିବା ଭଳି ଗଛକୁ କାଟି ପଦା କରିଦେଇଥିବା ଖବର ଏବେ ଅଞ୍ଚଳରେ ଲୋକେ ଚୁପୁରୁ ଟାପୁରୁ ହେଉଛନ୍ତି। ନିକଟସ୍ଥ ଆଉ ଏକ ପଞ୍ଚ ହାଉସ୍ ର ପାଣିଚାଳକ ହୋଇ କାମ କରୁଥିବା ବେଳେ ତୁଳଙ୍ଗ ପଞ୍ଚ ହାଉସ୍ ର ସରକାରୀ ଜମି ରୁ ଗଛ କାଟିବା ଯନ୍ତ୍ରୀ ଙ୍କର ଇଙ୍ଗିତ ନୁହେଁ ତ ? ନହେଲେ ଏଭଳି ସାହାସ କିଭଳି ଆସିଲା ମହାଶୟ ଙ୍କର, ଗତ କିଛି ବର୍ଷ ତଳେ ଏଭଳି ମନ ମୁଖୀ କାମ ପାଇଁ ଚାଳକ ଙ୍କୁ ଦୁଇବର୍ଷ ପାଇଁ ଅନ୍ୟ ବ୍ଲକ କୁ ବଦଳି କରାଯାଇଥିଲା। ସରକାର ଯେଉଁ ଗଛ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ବାସ୍ତବରେ ଏଭଳି କିଛି ଦୁର୍ନୀତିଖୋର ଙ୍କ ପାଇଁ ସରକାର ବଦନାମ ହେଉଥିବା ଜଣାପଡ଼ିଛି। ଏହି ଗଛ କଟା ହେବାପାଇଁ ଜିଲ୍ଲାପାଳ ଙ୍କ ଠାରୁ ଅନୁମତି ବିଭାଗ ପକ୍ଷରୁ ଆସିଥିଲା ନା ତହସିଲ୍ ଦାର ପାଖରେ ଚାଲାଣ କଟା ଯାଇଛି କି ମନଇଚ୍ଛା କଟା ଯାଇଛି ଗାଛ ? ଏହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

ମସ୍କାପଦରରେ ହାତୀ ଉପଦ୍ରବ, ଭାଙ୍ଗିଲେ ଘର

ଲାଞ୍ଜିଗଡ଼,୨୮।୧୦: (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜରେ ଥମିବାର ନାଁ ନେଉନାହିଁ ଜଙ୍ଗଲୀ ହାତୀଙ୍କ ଉପଦ୍ରବ। ବିଶ୍ୱନାଥପୁର ରେଞ୍ଜ ଅଧୀନରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗିରହିଥିବାବେଳେ କେତେବେଳେ କାହାର ଜୀବନ ଯାଉଛି ତ କେତେବେଳେ ଘର ଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରିଦେଉଛନ୍ତି ହାତୀପଲ। ସେହି ପରି ପୁଣି ଥରେ ଲାଞ୍ଜିଗଡ଼ ବ୍ଲକ ଅଧିନସ୍ତ ଛତ୍ରପୁର ପଞ୍ଚାୟତ ସ୍ଥିତ ମସ୍କାପଦର ଗ୍ରାମରେ ଦେଖିବାକୁ ମିଳିଛି ଜଙ୍ଗଲୀ ହାତୀଙ୍କ ଉପଦ୍ରବ। ସୂଚନାନୁସାରେ ମସ୍କାପଦର ଗ୍ରାମର କଲୋନୀ ପଡ଼ାର ଅଭିମନ୍ୟୁ ମାଝୀଙ୍କ ବାପା ମାଁ ଓ ବଡ଼ ଭଉଣୀ କେରଳ ରାଜ୍ୟକୁ ଦାଦନ ଯାଇଥିବାବେଳେ ଘରେ ଦଶମ ପଢୁଆ ପୁଅ ଏକମାତ୍ର ଅଭିମନ୍ୟୁ ମାଝୀ ରହିଛନ୍ତି। ସେ ତାଙ୍କ ଦୁଇ ସାଙ୍ଗଙ୍କ ସହିତ ଘରେ ସୋଇଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ଆସି ଘର ଭାଙ୍ଗିବା ସହିତ ଘରେ ଥିବା ଖାଦ୍ୟ ସାମଗ୍ରୀ ସବୁ ନଷ୍ଟ ବିନଷ୍ଟ କରିଦେଇଥିବା ଜଣାପଡ଼ିଛି।ଘର ଭାଙ୍ଗିବା ଶବ୍ଦ ଶୁଣି ଭିତରେ ସୋଇଥିବା ତିନି ସାଙ୍ଗ ବାହାରକୁ ବାହାରିବା ପାଇଁ ଚେଷ୍ଟା କରିଥିଲେ ହେଲେ ଘର ଚାରି ପାର୍ଶ୍ୱରେ ହାତୀପଲ ଘେରି ରହିଥିବା ଦେଖିବାରୁ କେହି ଘରୁ ବାହାରି ପାରିନ'ଥିଲେ।କିଛି ସମୟ ପରେ ଗାଁଲୋକେ ଆସି ଟର୍ଚ୍ଚ ଲାଇଟ ଦେଖେଇବାରୁ ଘରଠାରୁ ଅଳ୍ପ ଦୂରକୁ ହାତୀପଲ ଚାଲିଯିବା ପରେ ପିଲାମାନେ ଘରୁ ବାହାରିପାରିଥିଲେ।

ମୁଖ୍ୟ ଚିକିତ୍ସାଳୟରେ ମନୋଚିକିତ୍ସକ ନିଯୁକ୍ତ ଦାବି କରି ଭେଟିଲେ ଆରଏଆରଇ ସଂସ୍ଥା

ସୁବର୍ଣ୍ଣପୁର,୨୮।୧୦: (ସଂଚାର ବ୍ୟୁରୋ): ସୋନପୁରରେ ମୁଖ୍ୟ ଚିକିତ୍ସାଳୟ ରେ ମନୋଚିକିତ୍ସକ ନିଯୁକ୍ତି ଦାବି ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଜଣେ ମନୋଚିକିତ୍ସକ ନିଯୁକ୍ତି ଦାବିରେ ଆଜି ଆରଏଆରଇ ସଂସ୍ଥା ପକ୍ଷରୁ ତରଭା ବ୍ଲକ୍‌ରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପର ଏଫଏସ୍‌ଜି ସଦସ୍ୟ ଓ ପଞ୍ଚାୟତିରାଜ ପ୍ରତିନିଧି ମାନେ ସୋନପୁର ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ମାନସିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ସହ ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଯେପରି ସହଜରେ ଉପଯୁକ୍ତ ଚିକିତ୍ସା ପାଇପାରିବେ, ସେଥିପାଇଁ ଡିଏଚ୍‌ଏଚ୍ ସୋନପୁରରେ ଜଣେ ମନୋଚିକିତ୍ସକ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏହି ନିଯୁକ୍ତି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଲୋକମାନେ ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ପାଇବାରେ ସହାୟତା ପାଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ବେଆଇନ ବାଲି ଚୋରା ଚାଲାଣ ଉପରେ ଖଣି ବିଭାଗ ଚଢାଉ, ୩ ଟ୍ରାକ୍ଟର ଜବତ

ବାଲିଆପାଳ,୨୮।୧୦ (ସଂଚାର ବ୍ୟୁରୋ): ଆକ୍ସନ ମୋଡ଼ ରେ ଖଣି ଅଧିକାରୀ ବାଲିଆପାଳ ରେ ବାଲି ଚୋରା ଚାଲାଣ ବେଳେ ଜବତ ହୋଇଛି ତିନୋଟି ଟ୍ରାକ୍ଟର। ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତି ଗ୍ରାମପଞ୍ଚାୟତ ବଡାପାଳ ରେ ସୁବର୍ଣ୍ଣରେଖା ନଦୀ ରେ ଡଙ୍ଗା ସାହାଯ୍ୟ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଉଚ୍ଚସ୍ଥାନରେ ରଖି ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ସମୟରେ ଜୁନିଅର ଖଣି ଅଧିକାରୀ ତାପସ ବେହେରା ନେତୃତ୍ୱରେ ଖଣି ଅଧିକାରୀ ଅଭିଷେକ ବେହେରା ଓ ଜଗନ୍ନାଥ ଦାସ ରେଡ୍ କରି ଥିଲେ। ଜବତ୍ ଟ୍ରାକ୍ଟର ଗୋଡି କୁ ବାଲିଆପାଳ ଥାନା ରେ ଜିମା ରଖାଯାଇଛି। ତେବେ ଏହି ଅଞ୍ଚଳ ରୁ ଦୀର୍ଘ ଦିନ ଧରି ବେଆଇନ ଭାବେ ଟ୍ରାକ୍ଟର ରେ ବେଆଇନ ଭାବେ ରେ ବାଲି ଚୋରା ଚାଲାଣ ହେଉଥିଲା। ଖଣି ଅଧିକାରୀ ତାପସ ବେହେରା ଏହି କାର୍ଯ୍ୟନୁଷ୍ଠାନ ପରେ ବାଲିଆପାଳ ମାଫିଆ ମାନଙ୍କ ଉପରେ ପହାର କରିଛନ୍ତି ଖଣି ଅଧିକାରୀ। ଖଣି ଅଧିକାରୀ କହିଛନ୍ତି ଆଗକୁ ଏମିତି ଜୁରଦାର ଚଢାଉ ହେବ ବୋଲି ଜୁନିଅର ଖଣି ଅଧିକାରୀ ତାପସ ବେହେରା କହିଛନ୍ତି। ବାଲିଆପାଳ ରେ ବାଲି ଚୋରା ବନ୍ଦ କରି ବା ପାଇଁ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି।

ବିଭିନ୍ନ ସମସ୍ୟା ନେଇ ଅଲିଭା ମହାସଂଘ ଭେଟିଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର,୨୮।୧୦: (ସଂଚାର ବ୍ୟୁରୋ): ଅଲିଭା ମହାସଂଘ ତରଭା ବ୍ଲକ ପକ୍ଷରୁ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାରଙ୍କ ନେତୃତ୍ୱରେ ମହାସଂଘର ସଦସ୍ୟା ମାନେ ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ସାକ୍ଷତ କରି ତରଭା ବ୍ଲକର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ସଂଘର କର୍ମକର୍ତା ମାନେ ଜିଲ୍ଲାପାଳ ଦେବାଶିଷ ସିଂ ଙ୍କୁ ଭେଟି ସମସ୍ୟା ର ସମାଧାନ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ ଏହା ସହିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାସ୍ତା ନିର୍ମାଣ, ପାଣି ସମସ୍ୟା, ଗୋଷ୍ଠି ଗତ ପାଇଖାନା କାର୍ଯ୍ୟକ୍ଷମ, ପେନସନ ହିତାଧିକାରୀ ଗତ ଛଅ ମାସ ଧରି ସେମାନଙ୍କର ପେନସନ ପାଇନାହାଁନ୍ତି। ଏହାର ତୁରନ୍ତ ଯାଞ୍ଚ ଏବଂ ବିଚାରାଧୀନ ପେନସନ ରାଶି ବଣ୍ଟନ କରିବାକୁ ନିବେଦନ କରାଯାଇଛି।

ଧାମନଗର ଗୁଡ଼କୁ ମିଳିବ ନୂଆ ପରିଚୟ

ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଚାଷୀଙ୍କ ପାରମ୍ପରିକ ଉତ୍ପାଦକୁ ଆଧୁନିକ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ଦିଗରେ ଭଦ୍ରକର କୃଷି ଭିତ୍ତିକ ଷ୍ଟାର୍ଟ ଅପ୍ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ତରଫରୁ ଧାମନଗରରେ ଏକ ନୂତନ ପଦକ୍ଷେପ ଆରମ୍ଭ ହୋଇଛି। ଅସୁରାଳି ଅଞ୍ଚଳର ଫତେପୁର ଓ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଆଖୁଚାଷୀଙ୍କ ଉତ୍ପାଦକୁ ଆଧାର କରି ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଧାମନଗର ଜୈବିକ ଗୁଡ଼ର ବ୍ରାଣ୍ଡିଂ, ପ୍ୟାକେଜିଂ ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ଥାନୀୟ ଚାଷୀଙ୍କ ଉତ୍ପାଦକୁ ଏକ ସଂଗଠିତ ବ୍ୟବସାୟିକ ରୂପ ଦେଇ ରାଜ୍ୟ ଓ ରାଜ୍ୟ ବାହାରର ବଜାରରେ ପହଞ୍ଚାଇବା ଏହି ଉଦ୍ୟମର

ମୁଖ୍ୟ ଲକ୍ଷ୍ୟ। ଏହା ଗୁଡ଼ ଉତ୍ପାଦନ ଓ ବିକ୍ରୟ ମଧ୍ୟରେ ସୀମିତ ନୁହେଁ; ବରଂ ଆଖୁଚାଷୀଙ୍କୁ ଜୈବିକ କୃଷି ପ୍ରଣାଳୀ, ପ୍ରାକୃତିକ ଉପାୟରେ ସାର ଓ କୀଟନାଶକ ପ୍ରସ୍ତୁତି, ଜୈବ ପ୍ରମାଣନ ଏବଂ ଉତ୍ପାଦର ଗୁଣବତ୍ତା ରକ୍ଷା ସମ୍ପର୍କରେ ସଚେତନ କରିବା ଉପରେ ମଧ୍ୟ ଗୁରୁତ୍ୱ ରହିଛି।

ବୁଡ଼ିଲା ଜଳ ଯୋଗାଣ ଗୃହ

ମୋହନା,୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରକୋପରେ ଗତ ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଥିବା ବେଳେ ଗଜପତି ଜିଲା ମୋହନା ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ବୁଧବାର ସନ୍ଧ୍ୟାରେ ନଦୀ ପତନଠାରୁ ପ୍ରାୟ ୨୦ ଫୁଟ୍ ଉଚ୍ଚରେ ଥିବା ଏକ ଘରୋଇ ଜଳ ଯୋଗାଣ ପମ୍ପ୍ ହାଉସ୍‌ରେ ବନ୍ୟାପାଣି ପଶିଯାଇ ବୁଡ଼ିଯାଇଛି। ଫଳରେ ମୋହନାର ୮୦୦ରୁ ଉର୍ଦ୍ଧ୍ୱ ପରିବାରକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ପମ୍ପ ହାଉସ୍ ବୁଡ଼ିଯିବା ଯୋଗୁ ଯନ୍ତ୍ରପାତି ଓ ମୋଟର ଅଚଳ ହୋଇପଡ଼ିଛି। ବର୍ଷା କେବେ କମିବ

ଏବଂ ଜଳ ଯୋଗାଣ ଯନ୍ତ୍ରପାତି ମରାମତି ହୋଇ ଘରକୁ ପାଣି ଆସିବ, ସେ ନେଇ ସ୍ଥାନୀୟ ମୋହନାବାସୀ ଗଭୀର ଚିନ୍ତାରେ ପଡ଼ିଛନ୍ତି। ବିଶୁଦ୍ଧ ପିଇବା ପାଣି ଟୋପାଏ ପାଇଁ ଲୋକଙ୍କ ମଧ୍ୟରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟା ନେଇ ମୋହନା ଜଳ ଯୋଗାଣ ଅଧିକାରୀ ପଦ୍ମନାଭ ଖଣ୍ଡେଇ କହିଛନ୍ତି ଯେ, ବନ୍ୟା ଜଳସ୍ତର ହ୍ରାସ ପାଇବା ଏବଂ ବର୍ଷା କମିବା ପରେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ପମ୍ପ୍ ଗୃହର ମରାମତି କାର୍ଯ୍ୟ ଶେଷ କରାଯିବ।

ଶିକ୍ଷୟତ୍ରୀଙ୍କ ବିରୋଧରେ ଅଭିଭାବକଙ୍କ ଗଣଧାରଣା: ଘଟଣା ବିଚାରାଧୀନ

ବୈଶିଙ୍ଗା,୨୮।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଅସନ୍ତୋଷ ଆଜି ଚରମ ସୀମାରେ ପହଞ୍ଚିଛି। ଛୋଟ ଛୋଟ କୋମଳମତି ପିଲାମାନଙ୍କୁ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ଗିରି ନିଜର ଗୋତ ମୋଡି ବାକୁ ବାଧ୍ୟ କରିବା ସହିତ ବିଦ୍ୟାଳୟ ପରିସରରେ ଅନାବନା ଘାସ ଉପାଡିବାକୁ ବାଧ୍ୟ କରିଥାନ୍ତି ବୋଲି ପରିଚାଳନା କମିଟି ତରଫରୁ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ଏହାର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଯୋଗ କରିଥିଲେ। ଏଥି ସହିତ ତୁରନ୍ତ ସମାଧାନ ନ କରିଲେ ବିଦ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଉଲ୍ଲେଖ କରିଥିଲେ। ଏଥି ପାଇଁ ଅଭିଭାବକ ମାନେ ଆଜି ବୁଧବାର ବିଦ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଏହି ଅଭିଯୋଗ ପାଇ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ବିପ୍ଲବ କର ଆଜି ବୁଧବାର ବିଦ୍ୟାଳୟରେ ପହଞ୍ଚିଥିଲେ। ଶିକ୍ଷୟତ୍ରୀ ମାନେ ଶ୍ରେଣୀରେ ପାଠ ପଢାଉଥିବା ବେଳେ ଆନ୍ଦୋଳନ ରତ ଅଭିଭାବକ ମାନଙ୍କୁ ବୈଠକ ଗୃହ କୁ ଡାକି ସମସ୍ତଙ୍କର ଅଭିଯୋଗ ଶୁଣିଥିଲେ। ଏହାପରେ ପିଲାମାନଙ୍କ ଠାରୁ ମତା ମତ ଗ୍ରହଣ କରିବା ପରେ ସଂପୃକ୍ତ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରି ସମେତ ଅନ୍ୟ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ଠାରୁ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ମାତ୍ର ଅଭିଭାବକ ମାନଙ୍କର ଅଭିଯୋଗ ଥିଲା ସେହି ଶିକ୍ଷୟତ୍ରୀ ଙ୍କୁ ତୁରନ୍ତ ଏଠାରୁ ବଦଳି କରାଯାଉ ନୋଚେତ ବିଦ୍ୟାଳୟ ଫାଟକରେ ଗୁରୁବାର ଠାରୁ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ।

ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟରେ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ବାତ୍ୟା ପାଇଁ ମନ୍ତ୍ରୀଙ୍କ ସମୀକ୍ଷା, ୧୯୮ ଗର୍ଭବତୀ ଗୃହକୁ ସ୍ଥାନାନ୍ତର

କନ୍ଧମାଳ,୨୮।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ କନ୍ଧମାଳ ଜିଲ୍ଲାରେ ପ୍ରଶାସନିକ ତତ୍ପରତା ବଢ଼ିଛି। ଧନଜୀବନର ସୁରକ୍ଷା ସହ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟ ନେଇ ସମସ୍ତ ବିଭାଗକୁ ସଜାଗ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଦୁଇଦିନିଆ କନ୍ଧମାଳ ଗସ୍ତରେ ଆସି ବାତ୍ୟା ମୁକାବିଲା ପ୍ରସ୍ତୁତି ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ସୁରକ୍ଷା ଦୃ